READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୮ ସଂଖ୍ୟା-୪୩ ୪ - ୧୦ ନଭେମ୍ବର, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-43 4th - 10th NOVEMBER, 2024 BHUBANESWAR ₹ 5/- (8 Pages)

# ମୋଦିଙ୍କ ସଫଳ କୂଟନୀତି

## ଦୀର୍ଘ ୪ ବର୍ଷ ପରେ ଲଦାଖ ସୀମାକୁ ଫେରୁଛି ଶାନ୍ତି




**ନୂଆଦିଲ୍ଲୀ :** ଲଦାଖ ସୀମାରେ ପରସ୍ପରକୁ ମିଠା ବାଣ୍ଟି ଶାନ୍ତି ସନ୍ଦେଶ ଦେଉଛନ୍ତି ଭାରତ-ଚୀନ ଯବାନ। ଯେଉଁ ଦୃଶ୍ୟ ଉଭୟ ଦେଶର ସମ୍ପର୍କର ବଡ଼ ସାକ୍ଷୀ ହୋଇଛି। ବଦଳିଛି ସୀମା ସ୍ଥିତି। ପରସ୍ପରକୁ ମିଠା ବାଣ୍ଟି ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଇଛନ୍ତି ଉଭୟ ଦେଶର ଯବାନ। ଦୀର୍ଘ ୪ ବର୍ଷ ପରେ ସୀମାକୁ ଫେରିଛି ଚାରି ବର୍ଷ ତଳର ସ୍ୱାଭାବିକ ସ୍ଥିତି। ଆରମ୍ଭ ହୋଇଛି ନିୟମିତ ସେନା ପାଟ୍ରୋଲିଂ। ସୀମାରୁ ସୈନ୍ୟ ଅପସାରଣ ସହ ହଟିଛି ଯବାନଙ୍କ ଅସ୍ଥାୟୀ କ୍ୟାମ୍ପ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦର୍ଶୀ ନିର୍ଣ୍ଣୟ ଓ ସଫଳ କୁଟନୀତି ସୀମା ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ କରିବାରେ ସଫଳ ହୋଇଥିବା କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ୨୦୨୦ରେ ଗଲୱାନ ଘାଟିରେ ସଂଘର୍ଷ ପରେ ଲଗାତାର ଉତ୍ତେଜନା ଲାଗି ରହୁଥିବାବେଳେ ଏବେ ବଦଳୁଛି ସ୍ଥିତି। ମୋଦିଙ୍କ ଦୃଢ଼ ରଣନୀତି ଭାରତ-ଚୀନ ସମ୍ପର୍କରେ ସୁଧାର ଆଣିବାରେ ସଫଳ ହୋଇଥିବା କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। ଆସାମର ତେଜପୁରସ୍ଥିତ ଗଜରାଜ କୋର ମୁଖ୍ୟାଳୟରେ ଆୟୋଜିତ ବଡ଼ାଖାନା କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତ-ଚୀନ ସମ୍ପର୍କରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିବା କହିଥିଲେ ରାଜନାଥ ସିଂହ। ସୀମା ସମସ୍ୟାର ସମାଧାନ ସହ ବର୍ଡର ଅଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ମୋଦି ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ଚୀନ ସୀମାବର୍ତ୍ତୀ ଲଦାଖ, ଅରୁଣାଚଳ ସୀମାରେ ଗତ ମାସରୁ ବିଆରଓ ପକ୍ଷରୁ ଆରମ୍ଭ ହୋଇଛି ୧୮ଟି ବଡ଼ ପ୍ରୋଜେକ୍ଟ। ଆସାମର ତେଜପୁରରୁ ଅରୁଣାଚଳର ତୱାଙ୍ଗକୁ ସଂଯୋଗ ପାଇଁ ୧୩ ହଜାର ଫୁଟ ଉଚ୍ଚରେ ନିର୍ମାଣାଧୀନ ସେଲା ସୁଡଙ୍ଗ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ କିରନ ରିଜଜୁ। ବିଆର୍‌ଓ ପ୍ରୋଜେକ୍ଟ ଗୁଡ଼ିକ ନର୍ଥଇଷ୍ଟ ରାଜ୍ୟ ବିକାଶକୁ ତ୍ୱରାନ୍ୱିତ କରିବା ସହ ଭାରତ ପାଇଁ ଇକୋନୋମି କରିଡର ପରି କାମ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ଅରୁଣାଚଳର ବମଲାରେ ଯବାନଙ୍କ ସହ

➤ ପୃ-୬

### ସରଗରମ ରାଜ୍ୟ ରାଜନୀତି


## ମୁନ୍ନା-ଜୟନାରାୟଣଙ୍କ ବାକ୍‌ଯୁଦ୍ଧ



**ଭୁବନେଶ୍ୱର :** କ୍ଷମତାରୁ ଯିବା ପରେ ପୁଣି କେମିତି ଗଳାବାଟ ଦେଇ କେମିତି କ୍ଷମତା ଫେରିବ ବିଜେଡି ସେନେଇ ଷଡ଼ଯନ୍ତ୍ର କରୁଛି। ହେଲେ ଏଥିରେ କୌଣସି ଲାଭ ହେବନି ଏକଥା ବିଜେଡିର ନେତା ଜାଣିଛନ୍ତି। ଯେହେତୁ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେଲାଣି ତେଣୁ କର୍ମୀଙ୍କ ମନବଳ ଦୃଢ଼ କରିବାକୁ ଏମିତି ବାହାସ୍ଫୋଟ ମାରୁଛନ୍ତି ନେତା ବୋଲି ଲୋକେ କହିଲେଣି। ନହେଲେ ରାଜ୍ୟସଭା ସାଂସଦ ମୁନ୍ନା ଖାନ ଏମିତି କାହିଁକି ଏମିତି କହିଲେ ?

➤ ପୃ-୬

## ଡିସେମ୍ବର ୧ରୁ ମୋବାଇଲକୁ ଆସିବନି ଅଯଥା ମେସେଜ



**ନୂଆଦିଲ୍ଲୀ :** ଟେଲିକମ ଉପଭୋକ୍ତାଙ୍କ ସୁରକ୍ଷାକୁ ଗୁରୁତ୍ୱ। ଓଟିପି ନେଇ ଟେଲିକମ ଅପରେଟରଙ୍କୁ ଭାରତର ଟେଲିକମ ନିୟାମକ କର୍ତ୍ତୃପକ୍ଷ ବା ଟ୍ରାଇ ପକ୍ଷରୁ ଦିଆଯାଇଥିବା ସମୟସୀମା ଘୁଞ୍ଚିଲା। ନଭେମ୍ବର ୧ରୁ ସେହି ତାରିଖକୁ ଡିସେମ୍ବର ୧କୁ ଘୁଞ୍ଚାଇଛି ଟ୍ରାଇ। ସେବାରେ ବ୍ୟାଘାତ ସୃଷ୍ଟି ହେବା ଦୃଷ୍ଟିରୁ ଟେଲିକମ କମ୍ପାନୀମାନଙ୍କ ଅନୁରୋଧ କ୍ରମେ ଏହି ନିଷ୍ପତ୍ତି ଟ୍ରାଇ ନେଇଛି। ଫଳରେ ଡିସେମ୍ବର ୧ରୁ ମୋବାଇଲକୁ ଅଯଥା ମେସେଜ ଆସିବ ନାହିଁ। ଅର୍ଥାତ ଯେଉଁ ସଂସ୍ଥା ପଞ୍ଜିକୃତ ହୋଇ ନଥିବେ ସେହି ସଂସ୍ଥାର ମେସେଜ ମୋବାଇଲକୁ ଆସିବ ନାହିଁ। ବ୍ୟାବସାୟିକ ମେସେଜ, ଓଟିପିର ଆଦିର ଉତ୍ସ ସମ୍ପର୍କରେ ଜାଣିବା ସମ୍ପର୍କରେ ବ୍ୟବସ୍ଥା କରିବା ଲାଗି ଟେଲିକମ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲା ଟ୍ରାଇ। ସ୍ପାମ ଓ ବିଭ୍ରାନ୍ତିମୂଳକ ମେସେଜ ଉପରେ କଟକଣା ଲାଗି ଏହି ପଦକ୍ଷେପ ନେଇଥିଲା ଟ୍ରାଇ। ତେବେ ଏହି ଡେଡଲାଇନକୁ ଡିସେମ୍ବର ୧କୁ ଘୁଞ୍ଚାଯାଇଛି। ମେସେଜ ସର୍ଭିସ ଠିକଠାକ୍ କରିବା ଲାଗି ଅଧିକ ସମୟ ଦିଆଯାଇଛି। ନଭେମ୍ବର ୧ରୁ ଏହି ପଦକ୍ଷେପ ନିଆଗଲେ ସେବା ଗୁରୁତର ବାଧାପ୍ରାପ୍ତ ହେବ ବୋଲି ଦର୍ଶାଇଥିଲେ ଟେଲିକମ କମ୍ପାନୀ। ଏହି ନିୟମ କାର୍ଯ୍ୟକାରୀ ହେଲେ ୧୪୦ରୁ ଆରମ୍ଭ ହେଉଥିବା ନମ୍ବରଗୁଡିକ ଡିଷ୍ଟ୍ରିବ୍ୟୁଟେଡ ଲେଜର ଟେକ୍ନୋଲୋଜି ବା ଡିଏଲଟି ପ୍ଲାଟଫର୍ମକୁ ପରିବର୍ତ୍ତିତ ହେବ। ଫଳରେ ନିରାପତ୍ତା ଅଧିକ ହେବ। ଡିସେମ୍ବର ୧ ପରଠାରୁ ଅଣପଞ୍ଜିକୃତ ସେଣ୍ଡରମାନଙ୍କଠାରୁ ଆସୁଥିବା ଅନିୟନ୍ତ୍ରିତ ମେସେଜ ବ୍ଲକ ହେବ। ଏନେଇ ଦୈନିକ ଅପଡେଟ ଦାଖଲ କରିବେ ଟେଲିକମ ଅପରେଟର। ପ୍ରତିଦିନ ୧.୫ରୁ ୧.୭ ବିଲିୟନ କମର୍ସିଆଲ ମେସେଜ ଲୋକଙ୍କ ନିକଟକୁ ଯାଉଛି।

## କେନ୍ଦୁଝରରେ ହେବ ମେଗା ଷ୍ଟିଲ୍‌ପ୍ଲାଣ୍ଟ



**କେନ୍ଦୁଝର :** କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମିଳିତ ଭାବେ ଏକ ଷ୍ଟିଲପ୍ଲାଣ୍ଟ କରିବେ। କେନ୍ଦୁଝର ଗସ୍ତ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ' ବେଳେ ଉଭୟ ଜେଏସ୍‌ହବ୍ଲ୍ୟୁ ଓ ପୋସ୍କୋ ସହ ଆଲୋଚନା କରିଥିଲି। ଏହା ଭିତରେ ସେମାନେ ମଧ୍ୟ ପରସ୍ପର ମଧ୍ୟରେ ଏମ୍‌ଓୟୁ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ସେମାନେ ପ୍ଲାଣ୍ଟ କରିବେ ବୋଲି ମେନ୍‌ସନ୍ କରିଛନ୍ତି। କେନ୍ଦୁଝରରେ ନିଶ୍ଚିତ ଭାବେ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ସକାଳ ୯ଟା ସମୟରେ ନିଜ ଜନ୍ମ ମାଟି ରାଇକଳାକୁ ଯାଇ ପରିବାର ଲୋକ ଓ ମା'ଙ୍କ ସହ କିଛି ସମୟ ବିତାଇବା ପରେ କେନ୍ଦୁଝର ସହରକୁ ଫେରି ପ୍ରଥମେ ମାଧପୁର କାଳୀ ମନ୍ଦିର, ନେତ୍ରା କାଳୀ ପୂଜା ମଣ୍ଡପ, କାଳୀ ତୀର୍ଥ ପୂଜା ମଣ୍ଡପ ଓ ଶେଷରେ ମାଇନିଂ କାଳୀ ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିବା ସହ ତାଙ୍କର ଆଶିଷ ଲାଭ କରିଥିଲେ। ସେ କହିଛନ୍ତି, କେନ୍ଦୁଝର ଜିଲ୍ଲା ବହୁତ ଦେଇଛି। କିନ୍ତୁ ପାଇଛି କମ୍। ଓଡ଼ିଶାର ବିକାଶ କେନ୍ଦୁଝରରୁ ଆରମ୍ଭ ହେବ। ଓଡ଼ିଶା ସୁନାର ଓଡ଼ିଶା ହେବ। ସୁନାର କେନ୍ଦୁଝର ହେଲା ପରେ ଯାଇ ଓଡ଼ିଶା ସୁନାର ଓଡ଼ିଶା ହେବ। ମା' କାଳୀଙ୍କ ନିକଟରେ ଏନେଇ ପ୍ରାର୍ଥନା କରିଛି।

## ସତ ହେବ କି ପାଞ୍ଜିର ପୂର୍ବାନୁମାନ ?



**ଭୁବନେଶ୍ୱର :** ସତ ହେବ କି ପାଞ୍ଜି କଥା ? ପୁଣି ନଭେମ୍ବରରେ ହେବ କି ବାତ୍ୟା? କିଛି ଏମିତି ଚର୍ଚ୍ଚା ଭିତରେ ଆଇଏମ୍‌ଡି ଏକ୍ସଟେଣ୍ଡେଡ୍ ରେଞ୍ଜ ଫୋରକାଷ୍ଟରେ ଯାହା ଆକଳନ କରାଯାଇଛି ତାହାକୁ ନେଇ ଚିନ୍ତା ବଢ଼ିଛି। କାରଣ ନଭେମ୍ବର ପ୍ରଥମ ସପ୍ତାହରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ହେବା ନେଇ ଆକଳନ କରାଯାଉଛି। ତେବେ ଏହା ଘନୀଭୂତ ହେବ କି ନାହିଁ ସ୍ପଷ୍ଟ ହୋଇନି। ହେଲେ ଲୋକେ କିନ୍ତୁ ଛାନିଆ ହେଲେଣି। ବାତ୍ୟା ଦାନା ପ୍ରଭାବରେ ଅଧା ଓଡ଼ିଶାରେ ପାଗ କୋହଲା ରହିବା ସହିତ ଉପକୂଳବର୍ତ୍ତୀ ଇଲାକାରେ ପ୍ରବଳ ବର୍ଷା ସହିତ ଟ୍ୱିନସିଟିରେ ବି ପ୍ରବଳ ବର୍ଷିଥିଲା। ଅବଶ୍ୟ ଏହାପରେ ପାଗ ଅନୁକୂଳ ଥିଲା। ସମୁଦ୍ରରେ ଲଘୁଚାପ ହେବା ନେଇ ଚର୍ଚ୍ଚା ଥିବାରୁ ପାଞ୍ଜିର କଥା ପୁଣି ଥରେ ମନେ ପଡ଼ିଯାଇଛି। କାରଣ ପଞ୍ଜିକାରେ ସ୍ପଷ୍ଟ ଭାବରେ କୁହାଯାଇଥିଲା କି ଅକ୍ଟୋବର ଓ ନଭେମ୍ବରରେ ଓଡ଼ିଶାକୁ ବାତ୍ୟା ଭୟ ରହିଛି। ପାଞ୍ଜିକା ଅନୁସାରେ, ରାଜ୍ୟର ଉପକୂଳ ଜିଲ୍ଲା ପୁରୀ, କଟକ, ଗୋପାଳପୁର, କୋଣାର୍କ, ଅସ୍ତରଙ୍ଗ, ଯାଜପୁର, ଭୁବନେଶ୍ୱର, ନୟାଗଡ଼, କାକଟପୁର, ନିଆଳି ପ୍ରଭୃତି ଅଞ୍ଚଳରେ ଘୂର୍ଣ୍ଣିବାତ୍ୟା ପ୍ରଚଣ୍ଡ ବାୟୁ ପ୍ରବାହ ସହ ସାମୁଦ୍ରିକ ଝଡ଼ ମହାବାତ୍ୟା ଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହାପୂର୍ଣି ଅକ୍ଟୋବର ୧୭ରୁ ୨୩ ସହ ଅକ୍ଟୋବର ୨୬ରୁ ୩୦ ମଧ୍ୟେ ଏବଂ ନଭେମ୍ବର ୫ରୁ ୯ ମଧ୍ୟେ ଏବଂ ନଭେମ୍ବର ୧୧ରୁ ୧୫ ମଧ୍ୟରେ ପ୍ରଚଣ୍ଡ ବାୟୁ ପ୍ରବାହ ସାମୁଦ୍ରିକ ଝଡ଼ ଲଘୁଚାପ ଜୁଆର ତଥା ବନ୍ୟା ବିପ୍ଳାତ ଦ୍ୱାରା ବହୁ ଧନ ଜୀବନ ପ୍ରଭାବିତ ହେବ। ପାଣିପାଗ ବିଭାଗର ପୂର୍ବାନୁମାନର ଯଥେଷ୍ଟ ପୂର୍ବରୁ ଓଡ଼ିଶା

➤ ପୃ-୬

## 'ଲୁଇସ୍ ରୋଡର ନାମ ପରିବର୍ତ୍ତନ ହେଉ'



**ଭୁବନେଶ୍ୱର, (ନବ କିଶୋର ମଲ୍ଲିକ) :** ଯେଉଁ ରାସ୍ତା ନିର୍ମାଣ ହୋଇଥିଲା କଳ୍ପନା ଛକ ଠାରୁ ରବି ଟେକିଜ୍ ଛକ ପର୍ଯ୍ୟନ୍ତ ସେତେବେଳେ କୌଣସି ଶିବିରରୁ ଦାବୀ ହୋଇନଥିଲା ଯେ ଉକ୍ତ ରାସ୍ତା ଓଡ଼ିଆ ବୀର ଯୋଦ୍ଧା ଜ୍ଞାନୀ ବ୍ୟକ୍ତି ବିଶେଷଙ୍କ ନାମରେ ନାମିତ କରିବାକୁ। ତତ୍କାଳୀନ ଇଂରେଜ ହାକିମ ମାନେ ନିଜ ନିଜର ରଣକୌଶଳ ପ୍ରସ୍ତୁତି ଆରମ୍ଭ କରି ସ୍ଥାନୀୟ ଲୋକଙ୍କୁ ନିଜ କବଳରେ ରଖି ପତିଆରା ଦେଖେଇ ହେବା ପାଇଁ ନିଜ ସୁବିଧା ପାଇଁ ନିଜ ନିଜର ପରିବାର ନାମରେ ଓଡ଼ିଶାର ଏକ ପର୍ଯ୍ୟଟନୀ ଗନ୍ତବ୍ୟ ଐତିହାସିକ ରାସ୍ତାଟିକୁ ଲୁଇସ ରୋଡର ମାନ୍ୟତା ପ୍ରଦାନ କରିଥଲେ। ମାତ୍ର ସମୟ ବର୍ତମାନ ପରିବର୍ତ୍ତନଶୀଳ ଆମକୁ ଜାଗ୍ରତ ହେବାକୁ ପଡିବ। ନିକଟରେ ଉକ୍ତ ରୋଡ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ ସହିତ ସଂଯୋଗ କରୁଛି। ଆଇନଗତ ପରିଭାଷା ଦୃଷ୍ଟିକୋଣରୁ ଜଣେ ବରିଷ୍ଠ ଆଇନଜୀବୀ ହିସାବରେ ମୁଁ ସରକାରଙ୍କ ପାଖରେ ଦାବୀ କରିବି କି ଏହି ଲୁଇସ୍ ରୋଡର ନାମ ପରିବର୍ତ୍ତନ କରାଯାଇ ମଧୁସୁଦନ ଦାସ ବାରିଷ୍ଟରଙ୍କ ନାମ ରଖା ଯିବା ଦରକାର।

*ବରିଷ୍ଠ ଆଇନଜୀବୀ, ଭୁବନେଶ୍ୱର ବାର*

## ବକ୍ରବାଣୀ



ଧନ ତେରାସରେ ସୁନା ବେପାର
ସୋ ରୁମ୍ ବାଲା ଦେଲେ ଅଫର
ଲକ୍ଷ ଲକ୍ଷ ଲୋକ ସୁନା କିଣିଲେ
କିଛି ଲୋକ ଝାଡୁ ଘରକୁ ନେଲେ
ସୁନା କିଣିନେଲେ ଲକ୍ଷ୍ମୀ ଆସିବେ
ଝାଡୁ କିଣିନେଲେ ଖୁସି ସେ ହେବେ
ଗରିବର ଲକ୍ଷ୍ମୀ ଝାଡୁ ମୁଠାରେ
ସୁନ୍ଦର ବ୍ୟବସ୍ଥା ପରମ୍ପରାରେ
ଝାଡୁ ମୁଠେ କିଣି ଘରକୁ ଆଣ
ପରିସ୍କାର ରହୁ ଲକ୍ଷ୍ମୀଙ୍କ ସ୍ଥାନ।

—— ଟୁଟୁ

### ଦୁର୍ନୀତିଖୋରଙ୍କୁ ମୋହନଙ୍କ ଚେତାବନୀ

## ଏ ସରକାର କେତେବେଳେ ବି ବାନ୍ଧିପାରେ

**ଭୁବନେଶ୍ୱର :** ଦୁର୍ନୀତି କଲେ କଡା ଆକ୍ସନ। ଦୁର୍ନୀତି କ୍ୟାନସର ପରି ବେମାରୀ। କ୍ୟାନସର ହେଲେ ଯେମିତି ତାକୁ ଡାକ୍ତର କାଢି ଫୋପାଡି ଦିଅନ୍ତି ଠିକ୍ ସେମିତି ଦୁର୍ନୀତି ଖୋରଙ୍କ ଅବିରୋଧରେ କଡ଼ା ଆକ୍ସନ ନେବ ବିଜେପି ସରକାର। ଆଉ ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ଚେତାଇ ଦେଇଛନ୍ତି ମୋହନ। ରାଜ୍ୟରେ ପୂର୍ବ ସରକାର କେମିତି ଦୁର୍ନୀତି କରୁଥିଲା ତାହାର ଗୁମର ଖୋଲିଦେଇଛନ୍ତି ମୋହନ। କହିଛନ୍ତି, ଫାଇଭ-ଟିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ସେତେବେଳ ବିଭିନ୍ନ ପ୍ରକାର ଦୁର୍ନୀତି କରି ଅଧିକାରୀମାନେ ଅଚିନ୍ତାରେ ଥିଲେ। ୫-ଟି' ନାଁରେ ଯେଉଁ ଅଧିକାରୀ ବ୍ୟାପକ ଟଙ୍କା ହେରଫେର କରିଛନ୍ତି, ସମସ୍ତେ ତଦନ୍ତ ପରିସରଭୁକ୍ତ ହେବେ। ରାଜ୍ୟରେ ବିଜେପି ସରକାର ଆସିବାର ୧୪୦ ଦିନ ହୋଇଛି, ଦୁର୍ନୀତିକୁ ନେଇ ଶୂନ୍ୟ ସହନଶୀଳନୀତି ଉପରେ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ଦୁର୍ନୀତି କରିଥିବା ୬ ମୁଖ୍ୟଯନ୍ତ୍ରୀଙ୍କୁ ଗିରଫ କରି କୋର୍ଟ ପଠାଯାଇଛି। ଅନେକ ବଡ଼ ଅଧିକାରୀ ବି ଗିରଫ ହୋଇ ଜେଲରେ ଅଛନ୍ତି। ଏ ଧାରା ଆଗାମୀ ଦିନରେ ବଳବତ୍ତର ରହିବ ବୋଲି ମୋହନ ସ୍ପଷ୍ଟ କରିଛନ୍ତି। ଇଏ ତ ଟ୍ରେଲର, ପିକଚର ବାକି ଅଛି। କିଛି ଏମିତି ଢଙ୍ଗରେ ଦୁର୍ନୀତିଖୋରଙ୍କୁ ଚେତାଇ ଦେଇଛନ୍ତି ମୋହନ। ପୂର୍ବ ସରକାର ଅର୍ଥାତ୍ ବିଜେଡି ସରକାରରେ କେମିତି କୋଟି କୋଟି ଟଙ୍କା ଚଳୁ କରୁଥିଲେ ନେତା ଓ ଅଫିସର ତାହା କାହାକୁ ବି ଅଛପା ନାହିଁ। ହେଲେ ଏବେ ବିଜେପି ସରକାର ଆସିବା ପରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ଆଉ ବାବୁମାନେ ଦୁର୍ନୀତି କରି ଫଶିବା ପରେ ଗତ ୪ ମାସ ଭିତରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଗଣ୍ଡା ଗଣ୍ଡା କୋଟିପତି ଅଧିକାରୀ। ଯାହାଙ୍କ ଭିତରେ ଅଛନ୍ତି ଅବକାରୀ ବିଭାଗର ଯୁଗ୍ମ କମିଶନର, ବିଡିଓ, ଖଣି ଉପନିର୍ଦ୍ଦେଶକ। ସେମାନଙ୍କଠୁ ପ୍ରାୟ ୬୪ କୋଟିର ଆୟ ବହିର୍ଭୁତ ସଂପତ୍ତି ବି ଜବତ ହେଲାଣି। ଏଥିସହ ବିଭାଗ ପକ୍ଷରୁ ୮୮ ଟି ଅପରାଧିକ ମାମଲା ରୁଜୁ ହୋଇଛି ଓ ୧୨୩ ଜଣଙ୍କୁ ଜେଲ୍ ପଠାଯାଇଛି। କଥା ହେଲା ଧରାପଡ଼ିଥିବା ବାବୁଙ୍କ ଭିତରେ ଅଛନ୍ତି ୨୪ କ୍ଲାସ ୱାନ୍ ଅଫିସର, ୧୨ କ୍ଲାସ୍-ଟୁ ଓ ୫୪ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ। ତେବେ ଯେଉଁ ୬ କୁବେର ଯନ୍ତ୍ରୀ ବେଶୀ

➤ ପୃ-୬

## ଆଜି ବି ମନେ ପଡେ ୧୯୯୯ ମସିହା ଅକ୍ଟୋବର ୨୯



**ଭୁବନେଶ୍ୱର :** ବିନାଶକାରୀ, ବିଧ୍ୱଂସକାରୀ, ପ୍ରଳୟଙ୍କରୀ, ଭୟଙ୍କର। ଓଡ଼ିଶା ଇତିହାସର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ୧୯୯୯ ମହାବାତ୍ୟା। ଅକ୍ଟୋବର ୨୯ର ସେ କାଳରାତ୍ରୀ କଥା ମନେ ପଡ଼ିଲେ ଆଜି ବି ଲୋମ ଟାଙ୍କୁରି ଉଠେ। ୨୫ ବର୍ଷ ତଳର ସେ ଭୟାନକ ଦୃଶ୍ୟ ଆଜି ବି ଛାତିରେ ଭରିଦିଏ ଛନକା। ଏବେ ବି ବାତ୍ୟା କଥା ଉଠିଲେ ଯେତେବେଳେ ସବୁ ଓଡ଼ିଶାବାସୀଙ୍କ ମନକୁ ଆସେ ମହାବାତ୍ୟାର କଥା। ପ୍ରକୃତିର ସେ ତାଣ୍ଡବକୁ ଅଙ୍ଗେ ନିଭାଇଥିବା ଲୋକଙ୍କ ପାଇଁ ତ ସେଦିନର ସ୍ମୃତି ଦୁସ୍ୱପ୍ନ ରୂପରେ ସଦା ସତେଜ। ଜଗତସିଂହପୁର ଏରସମା ବାସିନ୍ଦାଙ୍କ ଜୀବନର ସବୁଠାରୁ ଭୟାନକ ରାତି। ଆକାଶରେ ମାଡ଼ି ଆସିଲା ବତାସ, ବେଗ ଘଣ୍ଟାପ୍ରତି ପ୍ରାୟ ୨୦୦ କିଲୋମିଟର। ବଙ୍ଗୋପସାଗରର ସେ କରାଳ ରୂପ। ଉପକୂଳକୁ ମାଡ଼ି ଆସିଲା ୨୦ଫୁଟ୍ ଉଚ୍ଚା ଜୁଆର। କେଇ ଘଣ୍ଟା ଭିତରେ ଘର ଦ୍ୱାର, ଗଛ ଲତା ସବୁ କିଛି ହୋଇଗଲା ଛାରଖାର। ରାତି ପାହିଲା ବେଳକୁ ଉଜୁଡ଼ି ଯାଇଥିଲା ସବୁକିଛି। ଯେଉଁ ଆଡ଼କୁ ଆଖି ବୁଲାଇଲେ ଶ୍ମଶାନ ପ୍ରାୟ ଚିତ୍ର। ଦାସମଠା, ନଳବେଡ଼ି, ଜୁଣଗରି ଗାଁରେ ୨୫ ବର୍ଷ ଧରି ମୃତକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ପାଳନ କରୁଛନ୍ତି। ଏହି ତିନିଟି ଗାଁରୁ ମହାବାତ୍ୟା ନେଇଥିଲା ୧୨୫୦ରୁ ଅଧିକ ଲୋକଙ୍କ ଜୀବନ। ଅନେକ ପରିବାର ହୋଇଥିଲେ ବାସହରା ହେଇଥିଲେ। ମହାବାତ୍ୟାର ଛାତିଥରା ଅନୁଭୂତିକୁ ମନେପକାଇ ଆଜି ବି ଥରିଉଠନ୍ତି ଏରସମାବାସୀ।

➤ ପୃ-୬

### ୱେବ ପୋର୍ଟାଲ ଉନ୍ମୋଚିତ, ପରାମର୍ଶ ଲୋଡ଼ିଲେ ସରକାର

# ୨୦୩୬ରେ ଗଠନ ହେବ ସମୃଦ୍ଧ ଓଡ଼ିଶା

**ଭୁବନେଶ୍ୱର :** ଆସନ୍ତା ୨୦୩୬ ମସିହା ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ ହେବ। ଆଉ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶାର ଅବଦାନ ମହତ୍ୱପୂର୍ଣ୍ଣ ରହିବ। ଓଡ଼ିଶା ପ୍ରଦେଶ ଗଠନର ୧୦୦ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୩୬ ମସିହା ବେଳକୁ ଓଡ଼ିଶା କିଭଳି ସମୃଦ୍ଧ ରାଜ୍ୟରେ ପରିଣତ ହେବ ସେନେଇ ରାଜ୍ୟର ମୋହନ ମାଝୀ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ ସାଧାରଣ ଲୋକଙ୍କଠୁ ମତାମତ ଓ ପରାମର୍ଶ ଲୋଡ଼ିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଭିଜନ ଡକ୍ୟୁମେଣ୍ଟ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ପ୍ରସ୍ତୁତ ନିମନ୍ତେ ଏକ ରାଜ୍ୟ ସରକାରଙ୍କ ୱେବପୋର୍ଟାଲକୁ ଉନ୍ମୋଚନ କରିଛନ୍ତି। ବିକଶିତ ଓଡ଼ିଶାର ରୂପରେଖ ଓଡ଼ିଶାର ଲୋକମାନେ ହିଁ ପ୍ରସ୍ତୁତ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ସଂକ୍ରାନ୍ତ ୱେବପୋର୍ଟାଲକୁ ଉନ୍ମୋଚନ କରି ରାଜ୍ୟବାସୀଙ୍କଠୁ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ



ପାଇଁ ଆବଶ୍ୟକ ସୁଚିନ୍ତିତ ମତାମତ ହ୍ୱାଟସଅପ୍ ନମ୍ବର ଓ ଇମେଲ୍ ମାଧ୍ୟମରେ ପଠାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଓଡିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ। ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବ ନାହିଁ, ବରଂ ଓଡିଶାର ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ ଏପରି ଏକ

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଅଚାନକ ଦୂର ଯାତ୍ରା ଯୋଗ ଅଛି। ମୁଣ୍ଡବ୍ୟଥା ରୋଗ ହୋଇପାରେ। ପରିବାରରେ ଝଗଡା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ପ୍ରେମୀଙ୍କ ମଧ୍ୟରେ ମତାନ୍ତର ହୋଇପାରେ।

**ବୃଷ**
ରୋକିଥିବା କାମ ଗତିଶୀଳ ହେବ। ମତଲବି ବନ୍ଧୁଙ୍କ ଠାରୁ ଦୂରରେ ରହନ୍ତୁ। ଆଖିରେ ସମସ୍ୟା ହୋଇପାରେ। ଘର ପାଇଁ ଦାମିକା ବସ୍ତୁ କିଣିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଷବ। ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି।

**ମିଥୁନ**
କାର୍ଯ୍ୟକ୍ଷେତ୍ରରେ ଅଯଥା ଝଗଡା ହୋଇପାରେ। ଗଳାରେ ସମସ୍ୟା ହେବ। ପିତାମାତା ରୋଗରେ ପଡିପାରନ୍ତି। ଅଚାନକ ଧନପ୍ରାପ୍ତି ଯୋଗ ଅଛି। ପ୍ରେମୀଙ୍କ ସହିତ ଭ୍ରମଣରେ ଯାଇପାରନ୍ତି।

**କର୍କଟ**
ଗଜକେଶରୀ ଯୋଗ ଅଛି। ପୁରୁଣା କାମରୁ ମୁକ୍ତି ମିଳିବ। ଦୁଇଟି ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଉଦ୍ଧାର ଦିଅନ୍ତୁ ନାହିଁ। ଜୀବନସାଥୀଙ୍କର ହାଡ ଜନିତ ସମସ୍ୟା ହୋଇପାରେ।

**ସିଂହ**
ପରିଶ୍ରମର ଫଳ ପାଇବେ। ପରିବାରରେ ଶାନ୍ତି ରହିବ ଓ ଉଲାସରେ କଟିବ। ସନ୍ତାନଙ୍କ ସ୍ୱାସ୍ଥ ବିଗିଡିପାରେ। ଖର୍ଚ୍ଚ ବଢ଼ିବ। ନୂଆ ଚାକରି ଅଛି। ଦାମ୍ପତ୍ୟ ସନ୍ତୋଷ ଜନକ।

**କନ୍ୟା**
ଆଣ୍ଠୁଗଣ୍ଠି କଷ୍ଟ ଓ ପୁରୁଣା ରୋଗର ସମସ୍ୟା ରହିବ। ପାରିବାରିକ ଅସ୍ଥିର ରହିବ। ଧନଲାଭ ଯୋଗ ଅଛି। ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ। ଉଭୟ ଜୀବନସାଥୀଙ୍କ ପାଇଁ ସୁଖ ସମୟ।

**ତୁଳା**
କାମର ଚାପ ବଢ଼ିବ। କୌଣସି ସୁଖ ଖବର ପାଇବେ। ପେଟରେ ସମସ୍ୟା ରହିପାରେ। ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଜୀବନସାଥୀଙ୍କୁ ସହଯୋଗ କରନ୍ତୁ।

**ବିଛା**
ଅଚାନକ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଭ୍ରମଣ ଯୋଗ ଅଛି। ଜୀବନସାଥୀଙ୍କ ସହ ସମ୍ପର୍କ ବଢ଼ିବ। ନୂତନ ଯାନ କ୍ରୟ କରିପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ଧନୁ**
ଦୂରଯାତ୍ରା ପାଇଁ ମନ ବଳାଇବେ। ଜିନିଷ କିଣାରେ ଧନ ଖର୍ଚ୍ଚ କରିବେ। ଶ୍ୱଶୁର ଘର ଲୋକଙ୍କ ଶରୀର ବିଗିଡ଼ିପାରେ। ଅନାବଶ୍ୟକ ଲୋକଙ୍କ ସହ ସମୟ କଟାନ୍ତୁ ନାହିଁ। ଜୀବନସାଥୀଙ୍କୁ ଉପହାର ଦେବେ।

**ମକର**
ଗାଡି ଚଳାଇବା ବେଳେ ସାବଧାନ ରହନ୍ତୁ। ଧନ ସ୍ଥିତି ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ପ୍ରେମୀଙ୍କର ଅନ୍ୟ ସହିତ ଝଗଡା ହୋଇପାରେ। ବିଦେଶ ଭ୍ରମଣ ଯୋଗ ଅଛି।

**କୁମ୍ଭ**
ସବୁ ସ୍ଥାନରେ ବିବାଦ ହୋଇପାରେ। ଶାନ୍ତ ରହନ୍ତୁ। ଖର୍ଚ୍ଚ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ବିବାଦ ହୋଇପାରେ। ଜୀବନସାଥୀଙ୍କ ପାଇଁ ସମୟ କଠିନ ରହିବ। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ନୂତନ ଗାଡି କ୍ରୟ କରିପାରନ୍ତି।

**ମୀନ**
ହଠାତ୍ ଶାରୀରିକ କଷ୍ଟ ହୋଇପାରେ। ଧନ ସ୍ଥିତ ବହୁତ ଭଲ ଯୋଗ ଅଛି। ତୀର୍ଥ ଯାତ୍ରା ଯୋଗ ଅଛି। ନୂଆ ଚାକିରି ବା ପଦୋନ୍ନତି ଯୋଗ ଅଛି। ଦମ୍ପତ୍ତିମାନେ ଉତ୍ତମୟ ସମୟ କଟାଇବେ। ପ୍ରେମୀ ମାନଙ୍କ ପାଇଁ ଉତ୍ତମ ସମୟ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୨୦୨୫ରେ ହେବ ଦେଶର ଜନଗଣନା !

**ନୂଆଦିଲ୍ଲୀ :** ପୁଣି ଆରମ୍ଭ ହେବ ଜନଗଣନା। ଘରକୁ ଘର ବୁଲି ପରିବାରର ଲୋକ ସଂଖ୍ୟା ଗଣନା କରାଯିବ। ୨୦୧୧ ପରେ ପୁଣି ଦେଶରେ ହେବ ଜନଗଣନା। ଆସନ୍ତା ବର୍ଷ ଦେଶରେ ଜନଗଣନା ହେବାକୁ ଯାଉଛି। ଏ ନେଇ ବଡ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ୨୦୨୫ରୁ ୨୦୨୬ ଯାଏ ଦେଶରେ ଚାଲିବ ଏହି ପ୍ରକ୍ରିୟା। ୨୦୨୧ରେ ହେବାର ଥିଲା ଜନଗଣନା। କିନ୍ତୁ କରୋନା ମହାମାରୀ କାରଣରୁ ବନ୍ଦ ରଖାଯାଇଥିଲା। ଏବେ ୨୦୨୫ରେ ଜନଗଣନା ହେବା ପରେ ଏହି ରାଷ୍ଟ୍ରୀୟ ସାଂଖ୍ୟିକ ଅନୁଧାନର ଅବଧିଚକ୍ର ମଧ ପରିବର୍ତ୍ତନ ହେବ, ୨୦୨୫-୨୬ରେ ଜନଗଣନା ଶେଷ ହେଲେ ପରବର୍ତ୍ତୀ ଜନଗଣନା ୨୦୩୫ ମସିହାରେ ହେବ। ଏହି ଜନଗଣନା ପରେ ଦେଶର ଲୋକସଂଖ୍ୟାରେ କେତେ ବୃଦ୍ଧି ଘଟିବ, ତାହା ଉପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କାରଣ ଏହି ତଥ୍ୟ ଆଧାରରେ ଦେଶର ସଂସଦୀୟ ନିର୍ବାଚନ ମଣ୍ଡଳୀ ଓ ବିଧାନସଭା ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ଦ୍ଧାରିତ ହେବା



ସହ ଆସନ ସଂଖ୍ୟା ବୃଦ୍ଧି ପାଇବ। ୨୦୨୭ରେ ଏହାର ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ୨୦୨୮ ସୁଦ୍ଧା ଦେଶରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବ। କିନ୍ତୁ ଜନଗଣନା ସହିତ ଜାତି ଗଣନା ହେବନି ବୋଲି ଜଣାପଡ଼ିଛି। ପ୍ରତି ୧୦ ବର୍ଷରେ ଥରେ ପୁରା ଦେଶରେ ଜନଗଣନା ହୋଇଥିଲା। ଏହି ତଥ୍ୟକୁ ଆଧାର କରି ସରକାର ବିଭିନ୍ନ ଯୋଜନା ଓ ନୀତି ନିୟମ ପ୍ରଣୟନ କରନ୍ତି। କରୋନା ପାଇଁ ୨୦୨୧ରେ ଜନଗଣନା ହୋଇନଥିଲା। ୪ ବର୍ଷ ପରେ ଆସନ୍ତା ବର୍ଷ ୨୦୨୫ରେ ଜନଗଣନା କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଏହା ଘୋଷଣା ହୋଇନାହିଁ। ଜନ ଗଣନା କେମିତି କରାଯିବ, କେଉଁ କେଉଁ ଡାଟା ସଂଗ୍ରହ କରାଯିବ, କଣ କରାଯିବ ନାହିଁ, ତାହା ଏଯାଏଁ ସ୍ଥିର କରାଯାଇନାହିଁ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସେନସସ୍ କମିଶନର୍ ଓ ରେଜିଷ୍ଟ୍ରାର ଜେନେରାଲ ଥିବା ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ୨୦୧୧ରେ ଶେଷ ଥର ପାଇଁ ହୋଇଥିଲା ଜଣାଗଣନା। ସେତେବେଳେ ଦେଶର ଜନସଂଖ୍ୟା ଥିଲା ୧୨୧ କୋଟି ଏବଂ ଦଶନ୍ଧିଗତ ବୃଦ୍ଧି ଥିଲା ୧୭ ଦଶମିକ ୭ ପ୍ରତିଶତ।

# ଧନତେରସରେ ବୋହିନେଲେ ୨୫ ଟନ୍ ସୁନା : ସିଏଆଇଟି ରିପୋର୍ଟ

**ନୂଆଦିଲ୍ଲୀ :** ବଜାରରେ ଭିଡ଼, ସାରା ଦେଶରେ ଜୋରଦାର କିଣାକିଣି ଜାରି ରହିଛି। ଧନତେରସରେ ବିକ୍ରି ହୋଇଥିବା ସୁନା ରୁପା ପରିମାଣ ପ୍ରକାଶ ପାଇଛି। ଚଳିତ ଥର ସବୁଠାରୁ ଅଧିକ ସୁନା ଓ ରୂପା ବିକ୍ରି ହୋଇଛି। ବାସ୍ତବରେ ଦେଶରେ ଧନତେରସରେ ଲୋକେ ସୁନା ଓ ରୂପା କିଣିଥାନ୍ତି। ଏଥର ପାଖାପାଖି ୨୫୦୦ କୋଟି ଟଙ୍କାର ରୂପା କିଣାଯାଇଥିଲା। ଗୋଟିଏ ଦିନରେ ୨୦ ହଜାର କୋଟି ଟଙ୍କାର ସୁନା କିଣାଯାଇଛି। କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଅନୁଯାୟୀ, ଚଳିତ ବର୍ଷ ଧନତେରସର ମୂଲ୍ୟ ପ୍ରାୟ ୬୦ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଦୀପାବଳି ବେଳକୁ ଏହି ସଂଖ୍ୟା ୧ ଲକ୍ଷ କୋଟି ଟପିଯିବ ବୋଲି ଆକଳନ



କରାଯାଇଛି। ଏହି ସମୟ ମଧ୍ୟରେ ସୁନା, ରୂପା ବ୍ୟତୀତ ପିତଳ ବାସନ ମଧ ଜବରଦସ୍ତ କ୍ରୟ ହୋଇଛି। ଏକ ଆକଳନ ଅନୁଯାୟୀ, କେବଳ ସୁନା ବିକ୍ରି ୨୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ବ୍ୟବସାୟୀମାନେ ଏହି ପାର୍ବଣ ଋତୁରେ ଆଗୁଆ ବିକ୍ରି ବଢିବ ବୋଲି ଆଶା କରୁଥିଲେ, ତେଣୁ ସେମାନେ ସେମାନଙ୍କର ସମସ୍ତ ପ୍ରସ୍ତୁତି କରିସାରିଥିଲେ। ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଚୀନରେ ନିର୍ମିତ ସାମଗ୍ରୀର ଚାହିଦା ହ୍ରାସ ପାଇବା କାରଣରୁ ପ୍ରାୟ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି। ଲୋକମାନେ ସୁନା ଓ ରୂପା ଅଳଙ୍କାର, ବାସନ, ପୋଷାକ, ଇଲେକ୍ଟ୍ରୋନିକ୍ସ ଓ ଗାଡି କିଣିଥିବା ବେଳେ ପର୍ବପର୍ବାଣୀ ଋତୁରେ ସୁନା ଓ ରୂପା ବିକ୍ରି ମଧ ବୃଦ୍ଧି ପାଇଛି। ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡରେ ପ୍ରାୟ ୨ ଲକ୍ଷ ପଞ୍ଜୀକୃତ ଗହଣା ବ୍ୟବସାୟୀ ଅଛନ୍ତି, ଯେଉଁମାନେ ଧନତେରସରେ ପ୍ରାୟ ୨୫ ଟନ୍ ସୁନା ବିକ୍ରି କରିଛନ୍ତି, ଯାହାର ମୂଲ୍ୟ ପ୍ରାୟ ୨୦,୦୦୦ କୋଟି ଟଙ୍କା। ସେହିପରି ଧନତେରସରେ ସାରା ଦେଶରେ ୨୫୦ ଟନ୍ ରୁପା ବିକ୍ରି ହୋଇଥିବା ବେଳେ ଏହାର ମୂଲ୍ୟ ୨୫୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗତ ଏକ ବର୍ଷ ମଧ୍ୟରେ ସୁନା ଦରରେ ମଧ ଜୋରଦାର ବୃଦ୍ଧି ଘଟିଥିବା ବେଳେ ୨୦୨୪ରେ ଏହା ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଗତବର୍ଷ ଧନତରେସ ଅବସରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୬୦ ହଜାର ଟଙ୍କା ଥିବା ବେଳେ ଏବେ ତାହା ୮୦ ହଜାରକୁ ବୃଦ୍ଧି ପାଇଛି। ସେହିପରି ଗତବର୍ଷ ରୁପା ମୂଲ୍ୟ ୭୦ ହଜାର ଟଙ୍କା ଥିବା ବେଳେ ଏବେ ଏହା ୧ ଲକ୍ଷ ଟଙ୍କା ପାଖାପାଖି ପହଞ୍ଚିଛି। ସୂଚନାଯୋଗ୍ୟ, ଧନତେରସରେ ଆମ ଦେଶରେ ସପିଂ କରିବାର ପରମ୍ପରା ରହିଛି। ଏହି ଦିନ ସୁନା, ରୂପା, ବାସନ, ଯାନବାହନ, ମୋବାଇଲ, ପୋଷାକ ଓ ଆସବାବପତ୍ର ଭଳି ଜିନିଷ କିଣିବା ଶୁଭ ବୋଲି ବିବେଚନା କରାଯାଏ। ଲୋକମାନେ ବହୁ ସଂଖ୍ୟାରେ ଝାଡୁ ମଧ କିଣୁଛନ୍ତି।

## ବିଷ ବଳୟରେ ଦିଲ୍ଲୀ

**ନୂଆଦିଲ୍ଲୀ :** ଦିଲ୍ଲୀବାସୀ ମାନିଲେନି। କଟକଣା ସତ୍ତ୍ୱେ ଗତକାଲି ମନଇଚ୍ଛା ବାଣ ଫୁଟାଇଲେ। ତାର ପରିଣାମ ଆଜି ଦେଖିବାକୁ ମିଳିଛି। ଆଜି ସକାଳୁ ଦିଲ୍ଲୀରେ ବାୟୁର ମାନ ଅତି ଖରାପ ସ୍ତରକୁ ଖସିଛି। ଭୟଙ୍କର ପ୍ରଦୂଷଣ। ବାୟୁର ମାନ ମନିଟରିଂ କରୁଥିବା ୪୦ଟି ସ୍ଥାନ ମଧ୍ୟରୁ ଅଧିକ ଜାଗାରେ ବାୟୁ ଅତି ଖରାପ ବୋଲି କୁହାଯାଇଛି। ଏପରି ସ୍ଥିତି ଯେ, ଆଜି ସକାଳୁ ଦିଲ୍ଲୀ ପ୍ରବଳ ଧୂଆଁର ଆସ୍ତରଣ ଭିତରେ ରହିଥିଲା। ସକାଳେ ଦିଲ୍ଲୀରେ ଏୟାର କ୍ୱାଲିଟି ଇନଡେକ୍ସ ଥିଲା ୩୬୦। ଏହାକୁ ଅତି ଖରାପ ବୋଲି କୁହାଯାଇଥାଏ। ଏପରିକି ଆନନ୍ଦ ବିହାର ଓ ଆରକେ ପୁରମ ଅଞ୍ଚଳରେ ସ୍ଥିତି ଆହୁରି ସାଂଘାତିକ। ଏଠାରେ ଏଆଇକ୍ୟୁ ରହିଛି ୩୯୫। ସୋନିଆ ବିହାର, ପଂଜାବୀ ବାଗ, ନର୍ଥ କ୍ୟାମ୍ପସ, ବାୱାନା, ଜାହାଙ୍ଗିରପୁରୀ, ରୋହିନୀ, ଅଶୋକ ନଗର, ନେହରୁ ନଗର ଅଞ୍ଚଳରେ ବି ୩୮୦ରୁ ଅଧିକ ରହିଛି। ଏପରି ବାୟୁ ପ୍ରଦୂଷଣ ମଣିଷର ସ୍ୱାସ୍ଥ୍ୟ ପକ୍ଷେ ବହୁତ କ୍ଷତିକାରକ। ଯଦି କାହାର ଶ୍ୱାସଗତ କିମ୍ବା ଛାତି ରୋଗ ଅଛି, ତା ପାଇଁ ଆହୁରି ସଂଗୀନ। ଶୀତ ଦିନେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ହୋଇଥାଏ। ପଂଜାବ ଓ ହରିୟାଣାରେ ଏହି ସମୟରେ ନଡ଼ା ପୋଡ଼ି ଯୋଗୁଁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଆହୁରି ବଢ଼ିଥାଏ।

## ୨୯୪ କୋଟି ଟଙ୍କାରେ ବିଶାଳ ବଙ୍ଗଳା କିଣିଲେ ଏଲନ୍ ମସ୍କ

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରି ରାଜନୀତିରେ ହଇଚଇ ସୃଷ୍ଟି କରିଥିବା ଏଲନ୍ ମସ୍କ ଏବେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମସ୍କ ଟେକ୍ସାରେ ନିଜର ରିୟଲ ଇଷ୍ଟେଟ୍ ଭେଞ୍ଚର ପାଇଁ ଚର୍ଚ୍ଚାର କେନ୍ଦ୍ରକୁ ଆସିଛନ୍ତି। ମସ୍କ ନିଜ ୧୧ ପିଲା ଏବଂ ବଡ଼ ପରିବାର ପାଇଁ ଏକ ବିଶାଳ ବଙ୍ଗଳା କିଣିଛନ୍ତିଫ ଏହି ବିଶାଳ ବଙ୍ଗଳା ଟସ୍କନରୁ ପ୍ରେରିତ ଡିଜାଇନ ଏବଂ ମସ୍କଙ୍କ ପୂରା ପରିବାର ରହିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି। ମସ୍କଙ୍କ ପରିବାରରେ ତାଙ୍କ ଏକ୍ସପାର୍ଟନର ଏବଂ ସନ୍ତାନ ଅଛନ୍ତି। ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁସାରେ ମସ୍କ ୩୫ ନିୟୁତ ଡଲାର (୨୬୪.୨୯ କୋଟି ଟଙ୍କା)ରେ ୧୪,୪୦୦ ବର୍ଗ ଫୁଟ ଅଞ୍ଚଳରେ ଏହି ବିଶାଳ ବଙ୍ଗଳା ବ୍ୟାପ୍ତ। ସାର୍ବଜନୀନ ରିପୋର୍ଟ ଅନୁସାରେ ଏହି ସମ୍ପତ୍ତି ନିକଟରେ ଆଉ ଏକ ୬ ବେଡ୍ରୁମ୍ ଥିବା ମହଲ ମଧ ମସ୍କ କଣିଛନ୍ତି। କଥିତ ରୂପେ ମସ୍କ ନିଜ ପିଲାଙ୍କ ଦୁଇ ମାଆଙ୍କୁ ଏହି ଘରେ ରଖିବାକୁ ଚାହୁଁଛନ୍ତି। ଏପରି କରିବା ଦ୍ୱାରା ପିଲାମାନେ ପରସ୍ପରର ଜୀବନରେ ଗୁରୁତ୍ୱପୂର୍ଣ୍ଣ ସମୟ ବିତାଇପାରିବେ। ଏହାଛଡା ମସ୍କ ମଧ ନିଜ ପିଲାଙ୍କ ସହ ସମୟ ବିତାଇପାରିବେ। ରିପୋର୍ଟ ଅନୁସାରେ ନୂଆ ବଙ୍ଗଳାଠାରୁ ୧୦ ମିନିଟ୍ ଦୂରରେ ମସ୍କ ଅନ୍ୟ ଏକ ଘରେ ରହୁଛନ୍ତି। ମସ୍କଙ୍କ ପିଲାଙ୍କ ମଧ୍ୟରୁ ଶିଭୋନ ଜିଲିସ ନୂଆ ଘରେ ରହିବା ଆରମ୍ଭ କରିଛନ୍ତି। ଶିଭୋନ ଜିଲିସଙ୍କଠାରୁ ମସ୍କ ନିଜର ୧୧ତମ ସନ୍ତାନକୁ ଦୁନିଆକୁ ସ୍ୱାଗତ କରିଥିଲେ।

## ନକ୍ସଲବାଦ ଭାରତରେ ଶେଷ ନିଶ୍ୱାସ ନେଉଛି: ମୋଦୀ

**ନୂଆଦିଲ୍ଲୀ :** ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବଲ୍ଲଭଭାଇ ପଟେଲଙ୍କ ୧୪୯ ତମ ଜନ୍ମ ବାର୍ଷିକୀ। ପ୍ରଧାନମନ୍ତ୍ରୀ ଗୁଜୁରାଟର କେଭାଡିଆରେ ଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପରିଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ମଧ ଲୋକଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଆମ ସାମ୍ନାରେ ଏମିତି ଏକ ଭାରତ ଅଛି ଯାହା ପାଖରେ ଲକ୍ଷ୍ୟ, ଦିଗ ଏବଂ ନିଷ୍ଠା ଅଛି। ଏମିତି ଏକ ଭାରତ ଯାହା ଶକ୍ତିଶାଳୀ, ସମ୍ବେଦନଶୀଳ ଏବଂ ସତର୍କ ମଧ ରହିଛି। ଭାରତ ଉଭୟ ଶକ୍ତି ଏବଂ ଶାନ୍ତିର ମହତ୍ତ୍ୱ ବୁଝିଛି। ପ୍ରଧାନମନ୍ତ୍ରୀ ଆହୁରି ମଧ କହିଛନ୍ତି, ଯେତେବେଳେ ବିଶ୍ୱ ଏତେ ଅଶାନ୍ତିରେ ଥାଏ



ସେତେବେଳେ ଦ୍ରୁତ ଗତିରେ ବିକାଶ କରିବା ସ୍ୱାଭାବିକ ନୁହେଁ। ଯୁଦ୍ଧ ସମୟରେ ବୁଦ୍ଧଙ୍କ ବାର୍ତ୍ତା ପହଞ୍ଚାଇବା ସ୍ୱାଭାବିକ ନୁହେଁ। ଯେତେବେଳେ ବିଶ୍ୱର ବିଭିନ୍ନ ଦେଶ ମଧ୍ୟରେ ସମ୍ପର୍କର ସଙ୍କଟ ରହୁଛି, ସେତେବେଳେ ଭାରତ ଏକ ବିଶ୍ୱ ବନ୍ଧୁ ଭାବରେ ଉଭା ହେବା ସ୍ୱାଭାବିକ ନୁହେଁ। ଯେତେବେଳେ ଦୁନିଆରେ ଗୋଟିଏ ଦେଶ ଅନ୍ୟ ଦ୍ୱେସଠାରୁ ଦୂରେଇଯାଉଛି ସେତେବେଳେ ଦୁନିଆର ଦେଶମାନେ ଭାରତ ପାଖକୁ ଆସୁଛନ୍ତି। ଏହା ସାମାନ୍ୟ ନୁହେଁ। ଆଜି ବିଶ୍ୱ ଦେଖୁଛି ଯେ ଭାରତ କିପରି ଏହାର ସମସ୍ୟାର ସମାଧାନ କରୁଛି। ବର୍ତ୍ତମାନ ଆମେ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ଉପରେ କାର୍ଯ୍ୟ କରୁଛୁ ଯାହା ଭାରତର ଗଣତନ୍ତ୍ରକୁ ମଜବୁତ କରିବ ଏବଂ ବିକଶିତ ଭାରତର ସ୍ୱପ୍ନ ହାସଲ କରିବ। ଏହା ସମୃଦ୍ଧତା ହାସଲ କରିବାରେ ଦେଶ ନୂତନ ଗତି ଲାଭ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଆତଙ୍କବାଦୀଙ୍କ 'ଗୁରୁମାନେ ବର୍ତ୍ତମାନ ଜାଣିଛନ୍ତି ଯେ ଯଦି ସେମାନେ ଭାରତର କ୍ଷତି କରନ୍ତି ତେବେ ଭାରତ ସେମାନଙ୍କୁ ଛାଡିବ ନାହିଁ। ଗତ ୧୦ ବର୍ଷର ପ୍ରୟାସରେ, ନକ୍ସଲବାଦ ମଧ ଭାରତରେ ଶେଷ ନିଶ୍ୱାସ ନେଉଛି।

# ଜାଆଁଳା ପିଲାଙ୍କ ଗାଁ କୋଡିହ୍ନି


**ନୂଆଦିଲ୍ଲୀ :** ଭାରତରେ ଏମିତି ଏମିତି ଏକ ଗାଁ ଅଛି ଯେଉଁଠି ପିଲା ଜନ୍ମ ହେବା ମାତ୍ରେ ଜାଆଁଳା ହୋଇଯାଆନ୍ତି। ଗୋଟିଏ କି ଦୁଇଜଣଙ୍କର ନୁହେଁ ଗାଁରେ ପ୍ରାୟ ୪୦୦ରୁ ଅଧିକ ପିଲା ଜାଆଁଳା ହୋଇ ଜନ୍ମ ହୋଇଛନ୍ତି। ଏହି କଥା ସାମ୍ନାକୁ ଆସିବା ପରେ ରିସର୍ଚ୍ଚ ହେଉଛି କିନ୍ତୁ ସତ କଣ ତାହା ଏଯାଏଁ ଜଣାପଡିନି। ଏହି ଗାଁ ହେଉଛି କେରଳର ମଲ୍ଲପୁରମ୍ ଜିଲ୍ଲାର କୋଡିହ୍ନି ଗାଁ। ଯେଉଁଠି ଅଛନ୍ତି ୪୦୦ରୁ ଅଧିକ ଜାଆଁଳା ପିଲା। ଜାଆଁଳା ପିଲାଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ୨୦୦୮ରେ ଏହି ଗାଁରୁ ୨୮୦ ଜାଆଁଳା ପିଲା ଥିଲେ। କିନ୍ତୁ ଏବେ ୪୦୦ ପାର କଲାଣି। ଯାହାକୁ ନେଇ ଏବେ ଭାରି ଚର୍ଚ୍ଚା ଚାଲିଛି। ସୂଚନା ଅନୁସାରେ, ଗାଁରେ ପାଖାପାଖି ୨୦୦୦ ଲୋକ ବସବାସ କରନ୍ତି। ସାରା ବିଶ୍ୱର ଲୋକ ଏଠାକୁ ବୁଲିବାକୁ ଆସିଥାନ୍ତି। ଯେତେବେଳେ ଏହି ଗାଁକୁ ବୁଲିବାକୁ ଯିବେ ପ୍ରଥମେ ଗାଁର ଆରମ୍ଭରେ ଏକ ବୋର୍ଡ ଦେଖିବାକୁ ପାଇବେ ଯେଉଁଥିରେ ଲେଖା ଥିବ ଭଗବାନଙ୍କ ଜାଆଁଳା ଗାଁକୁ ଆପଣଙ୍କୁ ସ୍ୱାଗତ। ରିପୋର୍ଟ ଅନୁସାରେ ୨୦୦୮ରେ ପାଖାପାଖି



୩୦୦ ମହିଳା ଏଠାରେ ସୁସ୍ଥ ଶିଶୁଙ୍କୁ ଜନ୍ମ ଦେଇଥିଲେ। ଏଥିରୁ ୧୫ ଯୋଡା ଜାଆଁଳା ପିଲା ଜନ୍ମ ହୋଇଥିଲେ। ଏହାପରେ ପ୍ରତିବର୍ଷ ଜାଆଁଳାଙ୍କ ସଂଖ୍ୟା ବଢିବାରେ ଲାଗିଲା। ଗାଁ ଲୋକଙ୍କ କହିବାନୁଯାଇ ଜାଆଁଳା ପିଲାଙ୍କା ଜନ୍ମ ହେବାର ପକ୍ରିୟା ପାଖାପାଖି ତିନି ପିଢି ପୂର୍ବରୁ ଆରମ୍ଭ ହୋଇଥିଲା। କେରଳର ନାମିଦାମି ଡାକ୍ତରମାନେ ମଧ ବହୁ ବର୍ଷ ହେବ ଏହି ଗାଁର ରହସ୍ୟ ଜାଣିବା ପାଇଁ ଚେଷ୍ଟା କରିଥିଲେ ମଧ ସଫଳ ହୋଇପାରିନାହାଁନ୍ତି। ତେବେ ଡାକ୍ତରଙ୍କ କହିବାନୁଯାୟୀ, ଗ୍ରାମବାସୀଙ୍କ ଖାଇବା ପିଇବାରେ ଏହି ଘଟଣାର କିଛି ସମ୍ବନ୍ଧ ନାହିଁ। ତେବେ କୋଡିହ୍ନି ଗାଁରେ ଏମିତି କାହିଁକି ହେଉଛି ? ଏହି ଘଟଣା ଉପରୁ ପର୍ଦ୍ଦାଫାଶ କରିବା ପାଇଁ ୨୦୧୬ରେ ଭାରତ, ଲଣ୍ଡନ ଏବଂ ଜର୍ମାନୀର ବିଶେଷଜ୍ଞମାନଙ୍କର ଏକ ଟିମ୍ ରିସର୍ଚ୍ଚ କରିଥିଲା। ବୈଜ୍ଞାନିକମାନେ ଗାଁ ଲୋକଙ୍କର ଡିଏନଏ ସାମ୍ପୁଲ ମଧ ନେଇଥିଲେ। ଏଥିସହିତ ଗ୍ରାମବାସୀଙ୍କ କେଶ ଏବଂ ସ୍ଲାଇବାର ସାମ୍ପୂଲ ଏକାଠି କରାଗଲା। କିନ୍ତୁ ବୈଜ୍ଞାନିକଙ୍କ ଅକ୍ଲାନ୍ତ ପରିଶ୍ରମ ଆଉ ଚେଷ୍ଟା ସଫଳ ହୋଇପାରିନଥିଲା। କୋଡିହ୍ନି ଗାଁ ଏବେ ଟ୍ୱିନ ଟାଉନ୍ ନାଁରେ ପରିଚିତ। ଏହି ସ୍ଥାନର ଜାଆଁଳା ପିଲା ଏବଂ ତାଙ୍କ ପରିବାର ପାଇଁ ରେଜିଷ୍ଟ୍ରେସନ ଏବଂ ସହାୟତା ପ୍ରଦାନ କରିବା ପାଇଁ ଟୁଇନ୍ସ ଆଣ୍ଡ କିନ୍ ଆସୋସିଏସନର ସ୍ଥାପନା ମଧ କରାଯାଇଛି। କାରଣ ଜାଆଁଳା ପିଲାଙ୍କ ଲାଳନପାଳନରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଥାଏ। ଏଥିସହିତ ଗୋଟିଏ ଜାଆଁଳା ପିଲାଙ୍କୁ ପାଳିବା ବହୁତ କଷ୍ଟକର ଗୋଟିଏ ମା ପାଇଁ ହୋଇଥାଏ। ଗାଁରେ କଣ ପାଇଁ ଜାଆଁଳାଙ୍କ ସଂଖ୍ୟା ବଢୁଛି ଏହି ତଥ୍ୟ ଖୋଜିଆବାରେ ଡାକ୍ତର ଏବଂ ବୈଜ୍ଞାନିକ ମଧ ଫେଲ୍। ଗାଁର ଏ ରହସ୍ୟ ଆଜି ବି ରହସ୍ୟ ହୋଇ ରହିଛି।

# ପୃଥିବୀକୁ ମାଡି ଆସୁଛି ବିପଦ !

**ନୂଆଦିଲ୍ଲୀ :** ଆସିଲା ଚିନ୍ତାଜନକ ଖବର। ପୃଥିବୀ ଆଡ଼କୁ ଏକ କ୍ଷୁଦ୍ର ଗ୍ରହ ମାଡ଼ି ଆସୁଛି। ଏହା ପୂର୍ବରୁ ଏହା ସହ ଜଡ଼ିତ ଅନେକ ଉଦାହରଣ ମଧ ସାମ୍ନାକୁ ଆସିଥିଲା। ଡାୟନାସୋର ପୃଥିବୀ ବକ୍ଷରୁ ବିଲୁପ୍ତ ହେବା ପଛରେ ଚିକକ୍ସୁଲୁବ ଆଷ୍ଟରଏଡ ଦାୟୀ ବୋଲି କୁହାଯାଉଛି। ତେଣୁ ଜ୍ୟୋତିର୍ବିଜ୍ଞାନ ଉପରେ ଆଧାରିତ ଘଟଣା ଉପରେ ନଜର ରଖିବା କେତେ ଜରୁରୀ ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ। କ୍ଷୁଦ୍ର ଗ୍ରହର ଲମ୍ବ ୫୦୦ ଫୁଟ ହୋଇଥିବା ବେଳେ ତାହା ଏକ ବଡ଼ କୋଠା ଆକାରର ବୋଲି ନାସାର ଜେଟ ପ୍ରୋପଲସନ ଲାବୋରେଟୋରୀ (ଜେପିଏଲ) ପକ୍ଷରୁ କୁହାଯାଇଛି। ଏନେଇ ଆମେରିକୀୟ ସ୍ପେକ ଏଜେନ୍ସି ନାସା ପକ୍ଷରୁ ଚେତାବନୀ ଜାରି କରାଯାଇଛି। ଆଷ୍ଟ୍ରରଏଡ ୨୦୨୦ ଡବ୍ଲ୍ୟୁଜି ଏକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପାଇଁ ସୁଯୋଗ ପ୍ରଦାନ କରିଥାଏ। ବୈଜ୍ଞାନିକଙ୍କୁ ଡାଟା ଏକତ୍ର କରିବା ଓ ଭବିଷ୍ୟତରେ ଆଷ୍ଟରଏଡର ପଥର ସଠିକ୍ ଭବିଷ୍ୟବାଣୀ କରିବାରେ ଏହା ସହଯୋଗ କରିବ। ତେବେ ପୃଥିବୀ ଆଡ଼କୁ ମାଡ଼ି ଆସୁଥିବା ୫୦୦



ଫୁଟ ଲମ୍ବ ବିଶିଷ୍ଟ କ୍ଷୁଦ୍ର ଗ୍ରହକୁ ନେଇ ନାସା ପକ୍ଷରୁ ଆଲର୍ଟ ଜାରି କରାଯାଇଥିଲେ ହେଁ ସେନେଇ ଚିନ୍ତା କରିବାର ଆବଶ୍ୟକ ନାହିଁ ବୋଲି କୁହାଯାଇଛି। ଆମର ସୌରମଣ୍ଡଳର ଉତ୍ପତ୍ତିର ରହସ୍ୟ ବିଷୟରେ ଜାଣିବା ପାଇଁ ଏହା ବୈଜ୍ଞାନିକମାନଙ୍କ ଏକ ଶାନଦାର ସୁଯୋଗ ବୋଲି କୁହାଯାଇଛି। ନାସା ଆଷ୍ଟରଏଡର ଗତିବିଧି ଉପରେ ତୀକ୍ଷ୍ଣ ଭାବେ ନଜର ରଖିଥାଏ। ଯାହା ଭବିଷ୍ୟତରେ ଗମ୍ଭୀର ସମସ୍ୟାର କାରଣ ସାଜିବାର ସମ୍ଭାବନା ଥାଏ, ନାସା ଆଧୁନିକ ଟେକନିକର ଉପଯୋଗ କରି ସେହି ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିଥାଏ। ତେବେ ଏହି ଖବର ଖବର ଶୁଣିବା ପରେ ଯେ କେହି ବି ଘବରାଇବା ଅବଶ୍ୟମ୍ଭାବୀ। ମାତ୍ର ଏହାକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି।

# ୧୦ ବର୍ଷରେ ୨୦% ବ୍ରେନ୍ ଷ୍ଟ୍ରୋକ୍ ବୃଦ୍ଧି

**ନୂଆଦିଲ୍ଲୀ :** ଆଜିକାଲି ଘରେ ଘରେ ବ୍ରେନ ଷ୍ଟ୍ରୋକ ରୋଗୀଙ୍କ ସଂଖ୍ୟା ସାଙ୍ଘାତିକ ବଢିଲାଣି। କାରଣ ଇଏ ଏମିତି ଏକ ରୋଗ ଯାହା କେତେବେଳେ ଆସିବ ? କାହାକୁ ହେବ ସେନେଇ ଖବର ବି କାହାକୁ ଜଣାନଥାଏ। ହେଲେ ବ୍ରେନ୍ ଷ୍ଟ୍ରୋକ ହେବା ପରେ ପରେ ପାରାଲିସିସ୍ ହେଉଥିବାରୁ ଚିନ୍ତାରେ ଏବେ ଅନେକ ଲୋକ। ଯଦି ପ୍ରଥମରୁ ଚିକିତ୍ସା ହେଉଛନ୍ତି ତେବେ କିଛିକାଶଂରେ ରୋଗ ଭଲ ହେଉଛି କିନ୍ତୁ ଅନେକ ରୋଗୀ ଷ୍ଟ୍ରୋକରେ ପଡ଼ିବା ପରେ ମୃତ୍ୟୁର ବି ସାମ୍ନା କରୁଛନ୍ତି। ଭାରତରେ ଏହି ରୋଗୀଙ୍କ ସଂଖ୍ୟା ମଧ ହୁହୁ ହୋଇ ବଢିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାକୁ ନେଇ ଏବେ ଭାରି ଚର୍ଚ୍ଚା। କାରଣ ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି କି, ଭାରତରେ ବ୍ରେନ୍ ଷ୍ଟ୍ରୋକ ରୋଗୀଙ୍କ ସଂଖ୍ୟା ଭୟଙ୍କର ଭାବରେ ବଢିବାରେ ଲାଗିଛି। ଖାସ କରି ଗତ ୧୦ ବର୍ଷ ମଧ୍ୟରେ ବ୍ରେନ୍ ଷ୍ଟ୍ରୋକ୍ ମାମଲା ୨୦ ପ୍ରତିଶତ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ଯୁବପିଢିଙ୍କୁ ମଧ ବ୍ରେନ୍ ଷ୍ଟ୍ରୋକ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ୟଙ୍ଗ-ଆନସେଟ୍ ଷ୍ଟ୍ରୋକ୍ କୁହାଯାଏ। ଯେଉଁଥିରେ ୪୫ ବର୍ଷରୁ କମ୍ ଲୋକ ଷ୍ଟ୍ରୋକ୍‌ରେ ପୀଡିତ ହେଉଛନ୍ତି। ୟଙ୍ଗ-ଅନ୍ ଷ୍ଟ୍ରୋକ୍ ସମସ୍ତ ଷ୍ଟ୍ରୋକ୍ ମାମଲାର ପ୍ରାୟ ୧୦ ରୁ ୧୫% ଅଟେ। ତେବେ କାହିଁକି ଏ ରୋଗର ସଂଖ୍ୟା ବଢୁଛି



ତାହାକୁ ନେଇ ବିଶେଷଜ୍ଞ କହୁଛନ୍ତି ଜୀବନଶୈଳୀରେ ପରିବର୍ତ୍ତନ ହେବା ଯୋଗୁଁ ଏହା ବଢିବାରେ ଲାଗିଛି। ଆଜିକାଲି ଆମ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖାଯାଉଛି। ଅଧିକ ରାତି ପର୍ଯ୍ୟନ୍ତ ମୋବାଇଲ ଦେଖିବା, ସକାଳୁ ଡେରିରେ ଉଠିବ ସହ ବ୍ରେକ୍ ଫାଷ୍ଟ ସ୍କିପ୍ ଆଦି ଅନେକ କାରଣ ରହିଛି। କେବଳ ଏତିକି ନୁହେଁ ବରଂ ଅତ୍ୟଧିକ ନିଶା ସେବନ ଏହାର ମୁଖ୍ୟ କାରଣ। ଏ ସବୁ କରିବା ଦ୍ୱାରା ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଉଛି। ଏହାସହ ଯୁବପିଢିଙ୍କ କ୍ଷେତ୍ରରେ ଦେଖାଦେଉଥିବା ଷ୍ଟ୍ରୋକର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଜମାଟ ବାନ୍ଧିବା ଏବଂ ଆଣ୍ଟି-କ୍ଲୋଟିଂ ମେକାନିଜିମ୍, ଯାହା ହାଇପରକୋଗୁଲେବଲ୍ ସ୍ଥିତିକୁ ନେଇଥାଏ ଯେଉଁଠାରେ ରକ୍ତରେ ଜମାଟ ବାନ୍ଧିବା ଆରମ୍ଭ ହୋଇଥାଏ। ଯେତେବେଳେ ମସ୍ତିଷ୍କର ଶିରାରେ ରକ୍ତ ଜମାଟ ସୃଷ୍ଟି ହୁଏ, ଏହା ଷ୍ଟ୍ରୋକ୍ ହୁଏ। ଷ୍ଟ୍ରୋକକୁ ନେଇ ଏବେ ସମସ୍ତେ ଚିନ୍ତିତ ଓ ଭୟଭୀୟ ମଧ। କାରଣ ଇଏ ଏମିତି ଏକ ରୋଗ ଯେଉଁଥିଲେ ତତ୍କ୍ଷଣାତ୍ ରୋଗୀର ଜୀବନ ବି ଯାଇପାରେ। ଷ୍ଟ୍ରୋକ ହେବା ପୂର୍ବରୁ ଅସ୍ପଷ୍ଟ ଦୃଷ୍ଟିଶକ୍ତି, ମୁଣ୍ଡ ବୁଲାଇବା ଏବଂ ପ୍ରବଳ ମୁଣ୍ଡବିନ୍ଧା ଆଦି ଏହାରି ଲକ୍ଷଣ ହୋଇପାରେ। ଯଦି ଏମିତି ହେଉଛି ତେବେ ଆଦୌ ଡେରି ନକରି ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ବିଶେଷଜ୍ଞ କହିଛନ୍ତି। ଏମିତିକି ସଠିକ୍ ସମୟରେ ଚିକିତ୍ସା ହେଲେ ଷ୍ଟ୍ରୋକରୁ ରକ୍ଷା ପାଇପାରିବେ ବୋଲି କୁହାଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଷ୍ଟ୍ରୋକ୍ ରୋକିବା ପାଇଁ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହେବା ଜରୁରୀ। ଏହାସହ ସଠିକ୍ ଜୀବନ ଶୈଳୀ ଷ୍ଟ୍ରୋକକୁ ରୋକିପାରିବ।



# ଖାଲି ପଡ଼ିଛି ୬ ମନ୍ତ୍ରୀ ପଦ, ବଢୁଛି ଆଶାୟୀଙ୍କ ସଂଖ୍ୟା

**ଭୁବନେଶ୍ୱର :** ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ଖାଲି ପଡ଼ିଛି ୬ ମନ୍ତ୍ରୀ ପଦ, ବଢୁଛି ଆଶାୟୀଙ୍କ ସଂଖ୍ୟା। ମନ୍ତ୍ରୀ ପଦ ପାଇଁ ମୁହଁ ଖୋଲିଲେଣି ବିଧାୟକ। ରାଜ୍ୟରେ ସରକାର ଗଢ଼ିଲା ବିଜେପି। ହେଲେ ମୋହନଙ୍କ କ୍ୟାବିନେଟରେ ସ୍ଥାନ ପାଇନଥିଲେ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। କିଛିଦିନର ନିରବତା ପରେ ଏବେ ମୁହଁ ଖୋଲିଛନ୍ତି ଜୟ ନାରାୟଣ ମିଶ୍ର। ତାଙ୍କ କହିବା କଥା, ମୁଖ୍ୟମନ୍ତ୍ରୀ ଚାହିଲେ ମୁଁ ମନ୍ତ୍ରୀ ହେବି, ନ ଚାହିଁଲେ ହେବି ନାହିଁ। ମନ୍ତ୍ରିମଣ୍ଡଳରେ କିଏ ସ୍ଥାନ ପାଇବ ଆଉ କିଏ ନପାଇବ ତାହା ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର। ଏବେ ଫୁଟବଲ ଟ୍ରେନିଂ ଦେବାକୁ ମାନସିକ ଭାବେ ପ୍ରସ୍ତୁତ ବୋଲି କହି ଭିନ୍ନ ଇସାରା ଦେଇଛନ୍ତି ଜୟ ନାରାୟଣ ମିଶ୍ର। ଅନ୍ୟପଟେ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ୩ ଥରର ବିଧାୟିକା ସୀମାରାଣୀ ନାୟକ ବି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମତ ରଖିଛନ୍ତି। ବ୍ୟବସ୍ଥା ଅନୁସାରେ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଇ ୨୧ ଜଣ ମନ୍ତ୍ରୀ ରହିପାରିବେ। ମୋହନଙ୍କ ମନ୍ତ୍ରିମଣ୍ଡଳରେ ୧୫ ଜଣ ମନ୍ତ୍ରୀ ସ୍ଥାନ ପାଇଛନ୍ତି। ଅଧାଗଢା ମନ୍ତ୍ରିମଣ୍ଡଳକୁ ନେଇ ମୁଖ୍ୟମନ୍ତ୍ରୀ ଚାପରେ ଅଛନ୍ତି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ନୂଆ ବର୍ଷ କିମ୍ବା ଏହା ପୂର୍ବରୁ ମୋହନ ସରକାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବେ ବୋଲି ସମୀକ୍ଷକ ଆକଳନ କରିଛନ୍ତି। ତେବେ କାହାକୁ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀ ସାମିଲ କରିବେ ତାହାକୁ ନେଇ ଦ୍ୱନ୍ଦରେ ଅଛନ୍ତି। ଦଳର ବହୁ ବରିଷ୍ଠ ବିଧାୟକ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଆଶାୟୀ ଥିବା ବେଳେ, ମୋହନଙ୍କ ଉପରେ ଅନ୍ୟଦଳରୁ ଆସିଥିବା ନେତାଙ୍କ ଚାପ ବି ରହିଛି ବୋଲି କହିଛନ୍ତି ସମୀକ୍ଷକ। ମୋହନଙ୍କ ମନ୍ତ୍ରିମଣ୍ଡଳରେ ୧୭ଟି ଜିଲ୍ଲା ମନ୍ତ୍ରୀଶୂନ୍ୟ। ସେହିପରି ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର, ଭାସ୍କର ମଢ଼େଇ, ସନାତନ ବିଜୁଳି ଓ ପଦ୍ମଲୋଚନ ପଣ୍ଡାଙ୍କ ପରି ନେତା ମନ୍ତ୍ରିମଣ୍ଡଳ ବାହାରେ ଅଛନ୍ତି। ଦଳର ଆଗଧାଡ଼ିର ଯୁବ ବିଧାୟକ ଟଙ୍କଧର ତ୍ରିପାଠୀ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟଙ୍କ କଥା ବି ଚର୍ଚ୍ଚାରେ ରହିଛି। ତେବେ ମୋହନ କେବେ ଗଢିବେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ତାକୁହିଁ ଅପେକ୍ଷା।

## ଜେଏସଡବ୍ଲ୍ୟୁ ସହ ବୁଝାମଣା କଲା ପସ୍କୋ

# ୧୯ ବର୍ଷ ପରେ ଫେରିବ ଓଡ଼ିଶା

**ଭୁବନେଶ୍ୱର :** ଦକ୍ଷିଣ କୋରିଆ କମ୍ପାନୀ ପସ୍କୋ ପ୍ରାୟ ୧୯ବର୍ଷ ପରେ ଓଡ଼ିଶା ଫେରିବ। ଆଉ ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ କରିବ। ବିଶ୍ୱର ସପ୍ତମ ବୃହତମ ଇସ୍ପାତ ଉତ୍ପାଦନକାରୀ ପସ୍କୋ ଆଜି ଜେଏସଡବ୍ଲ୍ୟୁ ସହ ଏମଓୟୁ ସ୍ୱାକ୍ଷର କରି ଇସ୍ପାତ, ବ୍ୟାଟେରୀ ସାମଗ୍ରୀ ଓ ଅକ୍ଷୟଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ସହମତ ହୋଇଛି। ଓଡ଼ିଶାର ପାରାଦୀପଠାରେ (ପସ୍କୋର ପୁରୁଣା ପ୍ରକଳ୍ପ ସ୍ଥାନ) ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପରେ ଏକାଠି କାମ କରିବାକୁ ଉଭୟ କମ୍ପାନୀ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡ଼ିଛି। ଦକ୍ଷିଣ କୋରିଆର ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ଭାରତର ଜେଏସଡବ୍ଲ୍ୟୁ ଗ୍ରୁପ୍ ସହ ପସ୍କୋ ଗ୍ରୁପ୍ ଏମଓୟୁ ସ୍ୱାକ୍ଷର କରିଛି। ଉଭୟ କମ୍ପାନୀ ଓଡ଼ିଶାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟରେ ବାର୍ଷିକ ୫ନିୟୁତ ଟନ୍ ଉତ୍ପାଦନ କରିବା ସହ ଭବିଷ୍ୟତରେ ଏହାର କ୍ଷମତା ସମ୍ପ୍ରସାରଣ ପାଇଁ ମଧ ରାଜି ହୋଇଛନ୍ତି। ଉଭୟ କମ୍ପାନୀ ୫୦ ପ୍ରତିଶତ ଲେଖାଏଁ ପୁଞ୍ଜିନିବେଶ କରିବେ ଯାହାକି ବିଲିୟନ ଡଲାରରେ ବୋଲି ଆଶା କରାଯାଉଛି। ଏହି ଏମଓୟୁ ପରେ ପସ୍କୋ ଗ୍ରୁପ୍ ଅଧ୍ୟକ୍ଷ ଚାଙ୍ଗ-ଇନ ହ୍ୱା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ଜେଏସଡବ୍ଲ୍ୟୁ ଗ୍ରୁପ୍ ସହ ଭାଗିଦାରୀ ଦ୍ୱାରା କୋରିଆ ଓ ଭାରତର ଆର୍ଥିକ ବିକାଶରେ ଯୋଗଦାନ ଦେଇପାରିବୁ ବୋଲି ଆଶା କରୁଛୁ। ପସ୍କୋ ଭବିଷ୍ୟତରେ ନିଜର ବିଦେଶୀ ପୁଞ୍ଜିନିବେଶକୁ ବୃଦ୍ଧି କରିବ। ଏହି ଭାଗିଦାରୀ ଭାରତରେ



ଦ୍ରୁତଗତିରେ ବୃଦ୍ଧି ପାଉଥିବା ଇସ୍ପାତ ଚାହିଦାକୁ ଦୃଷ୍ଟିରେ ରଖି କରାଯାଇଛି। ଗତବର୍ଷ ଭାରତରେ ଇସ୍ପାତ ଚାହିଦା ୧୨୦ ମିଲିୟନ ଟନ୍ ଥିବାବେଳେ ୨୦୪୭ ସୁଦ୍ଧା ଏହା ୪୦୦ ମିଲିୟନ ଟନରେ ପହଞ୍ଚିବ ବୋଲି ପସ୍କୋ ପକ୍ଷରୁ ଆକଳନ କରାଯାଇଛି। ପସ୍କୋ ଏବେ ମହାରାଷ୍ଟ୍ରରେ ରୋଲିଂ ମିଲ୍ ସ୍ଥାପନ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପାରାଦୀପ (ଏରସମା)ଠାରେ ମେଗା ଇସ୍ପାତ ପ୍ରକଳ୍ପ ନିମନ୍ତେ ପସ୍କୋ ୧୨ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ୨୦୦୫ ମସିହାରେ ତତକାଳୀନ ଓଡ଼ିଶା ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ସହଯୋଗ ନମିଳିବାରୁ କମ୍ପାନୀ ୨୦୧୭ରେ ଏହି ପ୍ରକଳ୍ପରୁ ଓହରି ଯାଇଥିଲା। ଏବେ ପୁଣିଥରେ କମ୍ପାନୀ ଓଡ଼ିଶା ଫେରିବାକୁ ନିଷ୍ପତ୍ତି ନେଇଛି। ଜେଏସଡବ୍ଲ୍ୟୁ ଏବେ ଏରସମାଠାରେ ନିଜର ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରଖିଛି। କମ୍ପାନୀକୁ ରାଜ୍ୟ ସରକାର ଜମି ହସ୍ତାନ୍ତର କରିସାରିଛନ୍ତି। ପସ୍କୋ ଏବେ ନିଜର ସେହି ପୁରୁଣା ସ୍ଥାନରେ ଜେଏସଡବ୍ଲ୍ୟୁ ସହ ମିଶି ପ୍ରକଳ୍ପ କରିବ ବୋଲି ଜଣାପଡ଼ିଛି।

# ଅବ୍ୟବସ୍ଥା ଘେରରେ ଓଡ଼ିଶାର ସର୍ବବୃହତ କଟକ ପଶୁ ଚିକିତ୍ସାଳୟ



**କଟକ :** ଓଡ଼ିଶାର ସର୍ବବୃହତ କଟକ ଭେଟନାରୀ ହସ୍ପିଟାଲ ଏବେ ଅବ୍ୟବସ୍ଥା ଘେରରେ ରହିଛି। ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୌସ ବକ୍ସି ବଜାରସ୍ଥିତ ଏହି ସରକାରୀ ପ୍ରାଣୀ ଚିକିତ୍ସାଳୟକୁ ଅଚାନକ ଗସ୍ତ କରି ନବ ନିର୍ମିତ ଅଫିସ୍ ବୁଲିବା ସହ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ନବ ନିର୍ମିତ ଅଫିସ୍ କୋଠାରେ ଅଧିକାଂଶ ଘରଗୁଡ଼ିକ ଖାଲି ପଡ଼ିଥିବା ଓ କମ୍ କର୍ମଚାରୀ ଥିବାନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୋଫିଆ। ଯେହେତୁ ବର୍ତ୍ତମାନ ମାତ୍ର ୫ ଜଣ କର୍ମଚାରୀରେ କାର୍ଯ୍ୟ ଚାଲିଛି ଓ ବିଶେଷ କରି ଅତ୍ୟାଧୁନିକ ସେବା ଏପର୍ଯ୍ୟନ୍ତ ହୋଇ ପାରିନାହିଁ ତାହାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ବିଧାୟିକା ସୋଫିଆ ଫିର୍ଦୌସ। ଅନ୍ୟପଟେ ଷ୍ଟାଫ୍ କମ୍ ଥିବାରୁ ପଶୁମାନଙ୍କୁ ଉଚିତ ମାନର ଚିକିତ୍ସା ମିଳି ପାରୁନାହିଁ। ତେଣୁ ଏହି ସମ୍ବେଦନଶୀଳ ଦିଗ ଉପରେ ସରକାରଙ୍କୁ ଅବଗତ କରାଯଇ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ହାଇକୋର୍ଟଙ୍କ ନିଷ୍ପତ୍ତି

# କାଏମ ରହିବ ରାଜ୍ୟ ସରକାରଙ୍କ ସ୍କୁଲ ମିଶ୍ରଣ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତ୍ତି କାଏମ ରଖିଲେ ହାଇକୋର୍ଟ। ୨୦ରୁ କମ୍ ପିଲା ଥିବା ସ୍କୁଲକୁ ବନ୍ଦ କରି ପାଖ ସ୍କୁଲରେ ମିଶ୍ରଣ ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ହାଇକୋର୍ଟ କାଏମ ରଖିଛନ୍ତି। ତେବେ ମିଶ୍ରଣକୁ ବିରୋଧ କରୁଥିବା ଆବେଦନକାରୀ ଜିଲ୍ଲା ଅଭିଯୋଗ ସେଲ୍‌ରେ ଅଭିଯୋଗ କରିପାରିବେ। ଆବେଦନକାରୀଙ୍କ ଅଭିଯୋଗ ଉପରେ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ହାଇକୋର୍ଟ କହିଛନ୍ତି। ସୂଚନା ଅନୁସାରେ, ୨୦ କିମ୍ବା ତା' ଠାରୁ କମ୍ ପିଲା ଥିବା ସ୍କୁଲକୁ ବନ୍ଦ କରି ପାଖ ସ୍କୁଲରେ ମିଶ୍ରଣ ପାଇଁ ୨୦୧୮ରେ ଏକ ଗାଇଡଲାଇନ ପ୍ରସ୍ତୁତ କରିବା ପରେ, ୨୦୨୦ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ରାଜ୍ୟ ସରକାର। ତେବେ ଏହି ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ୧୬୮ଟି ମାମଲା ହୋଇଥିଲା। ମାମଲାକୁ ଏକାଠି ଶୁଣାଣି କରି ହାଇକୋର୍ଟର ଜଣିକିଆ ବିଚାରପତି ସରକାରଙ୍କ ବିଜ୍ଞପ୍ତିକୁ ୨୦୨୧ରେ ରଦ୍ଦ କରି ଦେଇଥିଲେ। ଏହାକୁ ବିରୋଧ କରି ରାଜ୍ୟ ସରକାର ରିଟ୍ ପିଟିସନ ଦାଖଲ କରିଥିଲେ। ଯାହା ଉପରେ ଶୁଣାଣି କରି, ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ, ଜଣିକିଆ ବିଚାରପତିଙ୍କ ଆଦେଶକୁ ଖାରଜ କରିବା ସହିତ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ କାଏମ ରଖିଛନ୍ତି।


## ପିଏମ୍ ଆବାସ ଯୋଜନାରେ ପଛୁଆ ମୟୂରଭଞ୍ଜ ଜିଲ୍ଲା

# ୮୪୩ ଅଫିସରଙ୍କ ଦରମା ବନ୍ଦ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପଛରେ ପଡ଼ିଯାଇଛି ମୟୂରଭଞ୍ଜ ଜିଲ୍ଲା। ଆୟତନରେ ବଡ଼ ହେଲେ ବି ତାଲିକାରେ ପଛରେ ରହିଛି ଏହି ଜିଲ୍ଲା। ଏପରି ରିପୋର୍ଟ ପ୍ରକାଶ ପାଇବା ପରେ ଆକ୍ସନ ମୁଡକୁ ଆସି କଠୋର ପଦକ୍ଷେପ ନେଇଛନ୍ତି ଜିଲ୍ଲାପାଳ। ଜଣେ ଅଧେ ନୁହେଁ ବରଂ ଏକାଥରେ ୮୪୩ ସରକାରୀ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ପ୍ରତି ବ୍ଲକକୁ ଚିଠି କରିଛନ୍ତି ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ। ମୟୂରଭଞ୍ଜ ଜିଲ୍ଲାରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ମୂଳ ଲକ୍ଷ୍ୟରୁ ୬୫ % ପଛରେ ରହିଛି। ଫଳରେ ହଜାର ହଜାର ହିତାଧିକାରୀ ଘରଟିଏ ନ ପାଇ ନିରାଶ ହୋଇ ଯାଇଛନ୍ତି ରହିଛନ୍ତି। ଏନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଆକ୍ସନ ମୁଡକୁ ଚାଲି ଆସିଛନ୍ତି ଜିଲ୍ଲାପାଳ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜଡିତ ଥିବା ଅଧିକାରୀଙ୍କ କ୍ଷେତ୍ର ନୀରିକ୍ଷଣ ନିମନ୍ତେ ଅନାଗ୍ରହ ଏବଂ କାର୍ଯ୍ୟ ସମ୍ପନ୍ନ ପାଇଁ ଅପାରଗତା କାରଣରୁ ଏହି ଲକ୍ଷ ପୂରଣ ହୋଇପାରୁନାହିଁ। ଯାହା ପାଇଁ ଏହି ଦରମା ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଲକ୍ଷ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯିବନି ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ହୋଇଛି। ଏନେଇ ସବୁ ବ୍ଲକର ବିଡିଓଙ୍କୁ ଚିଠି ହୋଇଛି। ଦରମା ବନ୍ଦ ଥିବା ଅଧିକାରୀଙ୍କ ମଧ୍ୟରେ ଜେଇ, ସହକାରୀ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ପିଇଓ, ଏଡିଓ, କମ୍ପ୍ୟୁଟର ଅପରେଟର ପ୍ରମୁଖ ସାମିଲ ଅଛନ୍ତି। ଆଗକୁ ଦୀପାବଳି ଥିବା ବେଳେ ଅନେକ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଜିଲ୍ଲାରେ ଚର୍ଚ୍ଚାର କେରଣ ପାଲଟିଛି। ଗତ ଆର୍ଥିକ ବର୍ଷରେ ମୟୂରଭଞ୍ଜ ଜିଲ୍ଲା ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କାମ ଆସିଥିଲା। ମାତ୍ର ଏ ପର୍ଯ୍ୟନ୍ତ ମୂଳ ଲକ୍ଷ୍ୟରୁ ୬୫ % କାମ ପଛରେ ଅଛି। ସୂଚନାଯୋଗ୍ୟ, ଗତ ଆର୍ଥିକ ବର୍ଷରେ ମୟୂରଭଞ୍ଜ ଜିଲ୍ଲାକୁ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କାମ ଆସିଥିଲା। ମାତ୍ର ଏ ପର୍ଯ୍ୟନ୍ତ ମୂଳ ଲକ୍ଷ୍ୟରୁ ୬୫ % କାମ ପଛରେ ଅଛି। ଏହାକୁ ନେଇ ଖପ୍ପା ହୋଇଛନ୍ତି ନୂଆ ଜିଲ୍ଲାପାଳ ହେମକାନ୍ତ ସୟ।

# ଆଉ ଯାତ୍ରାରେ ହେବନି ନଗ୍ନ ନୃତ୍ୟ

**ଭୁବନେଶ୍ୱର :** ଯାତ୍ରାରେ ଆଉ ହେଇପାରିବନି ଅଶ୍ଳୀଳ ନୃତ୍ୟ। ଆଉ ଦର୍ଶକ ଦେଖିପାରିବେନି ଝାଇଁମରା ନାଚ। ଖୋଲା ମଞ୍ଚ ଯାତ୍ରାରେ ନାଟକକୁ ନେଇ ଦର୍ଶକଙ୍କ ଭିତରେ କ୍ରେଜ୍ ବଢୁଛି। ହେଲେ ନାଟକରେ ଆଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି। ଯାହାକୁ ନେଇ ନାନ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର କଠୋର ହେଉଛନ୍ତି। ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ଆସିବ ଆଇନ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି। ଏହାକୁ ନେଇ ବିଚାର ବିମର୍ଶ ଚାଲିଛି। ଯାତ୍ରା ପାର୍ଟିର ମାଲିକଙ୍କ ସହ ଏ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅଶ୍ଳୀଳ ନୃତ୍ୟ ରୋକ ଲଗାଇବା ପାଇଁ 'ଯାତ୍ରା କଳାକାର ଓ କର୍ମଚକ୍ଷରୀ ସଂଘ ଓଡ଼ିଶା' ଓ 'ରାଜ୍ୟ କଳାକାର ମହାସଂଘ' ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ସରକାର ଏଥିପ୍ରତି ଯତ୍ନବାନ ହୋଇ ଏକ ନିୟମ କରି ପ୍ରତି



ଜିଲ୍ଲାପାଳ ଓ ଏସପିଙ୍କ ନିକଟକୁ ଚିଠି କରିଥିଲେ। କିନ୍ତୁ ଜିଲ୍ଲାପାଳ ଓ ଏସ୍ପି ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ସଂଘ ଅଭିଯୋଗ କରିଛି। ସୂଚନାରୁ ପ୍ରକାଶ, ଗତ କିଛି ହେଲା ଯାତ୍ରା ଦର୍ଶକଙ୍କ ସଂଖ୍ୟା ବଢୁଛି। ରକ୍ଷଣଶୀଳ ବ୍ୟକ୍ତି ନିଜ ପରିବାର ଲୋକଙ୍କ ସହ ଯାତ୍ରା ଦେଖିବାକୁ ଆସୁଛନ୍ତି। ହେଲେ ନାଟକ ଆରମ୍ଭ ପୂର୍ବରୁ ହେଉଥିବା ଅଶ୍ଳୀଳ ନୃତ୍ୟକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି। ରାଜ୍ୟ ସରକାରଙ୍କ କଡ଼ା ତାଗିଦ ସତ୍ତ୍ୱେ କିଛି ଅନୁଷ୍ଠାନ ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଉଛି। ୟୁଟ୍ୟୁବ୍ ପ୍ରଶଂସା ସାଉଣ୍ଟିଥିବା ସାହୁ ଭାଉଜ ମଞ୍ଚରେ ଆଇଟମ୍ ଡ୍ୟାନ୍ସ କରୁଥିବା ବେଳେ ନିଜର ଉପର ଡ୍ରେସ୍ ଖୋଲି ଦେଇଥିଲେ। ଯାହାର ଭିଡିଓ ଭାଇରାଲ୍ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାହୁ ଭାଉଜ ଭୁଲ୍ ମାଗିଥିଲେ। ଆଗକୁ ସେମିତି ଡ୍ୟାନ୍ସ କରିବେ ନାହିଁ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ବାରମ୍ବାର ମଞ୍ଚରେ ଖୋଲମ୍ ଖୋଲା ନାଚୁଥିବା ଦେଖିବାକୁ ମିଳିଛି। କେବଳ ସାହୁ ଭାଉଜ ନୁହେଁ, ନିଶା ମହାରଣା, ରାନୀ ପ୍ରିୟଦର୍ଶିନୀ ପରି ଅନେକ ଆଇଟମ୍ ଡ୍ୟାନ୍ସର ଷ୍ଟେଜ୍ ଉନରେ ନଗ୍ନ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ସେମାନଙ୍କୁ ଦର୍ଶକଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଛି। ତଥାପି ସେମାନେ ସୁଧୁରୁ ନାହାନ୍ତି। ବାରମ୍ବାର ଷ୍ଟେଜ୍ରେ ଆକ୍ରମଣରେ ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ବରିଷ୍ଠ କଳାକାରମାନେ ମଧ ବିରୋଧ କଲେଣି।

# ଆୟୁଷ୍ମାନ ବନାମ ବିଏସ୍‌କେୱାଇ !

**ଭୁବନେଶ୍ୱର :** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କଣ ମିଳୁଥିଲା ଓ ଆୟୁଷ୍ମାନ ଯୋଜନାରେ କଣ ମିଳିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ହିତାଧିକାରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରୁଥିଲେ। କିନ୍ତୁ ଆୟୁଷ୍ମାନ ଯୋଜନାରେ ପ୍ରଥମେ ରୋଗୀ ନିଜ ହାତରୁ ଖର୍ଚ୍ଚ ବହନ କରିବେ ଓ ପରେ ବୀମା କମ୍ପାନୀରୁ ଟଙ୍କା ଫେରସ୍ତ ପାଇବେ। ତେବେ କେତେଦିନ ମଧ୍ୟରେ ଟଙ୍କା ଫେରସ୍ତ ପାଇବେ ସେଥିରେ ସ୍ୱଷ୍ଟତା ନାହିଁ। ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କ ପରିବାର ପାଇଁ ଅତି ବେଶିରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଥିବା ବେଳେ, ବିଏସକେୱାଇ କାର୍ଡରେ ପୁରୁଷ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଓ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ରହିଛି। ବିଏସକେୱାଇରେ ସମସ୍ତ ପ୍ରକାର ମେଡିକାଲ ଟେଷ୍ଟ ଓ ଫଲୋ ଅପ କନସଲଟେସନର ବ୍ୟବସ୍ଥା ରହିଥିବା ବେଳେ ଏହି ସୁବିଧା ଆୟୁଷ୍ମାନ ଯୋଜନାରେ ନାହିଁ ଓ ଆୟୁଷ୍ମାନ ଯୋଜନା ଇନ୍‌ସ୍ୟୁରାନ୍ସ ଆଧାରରେ କାର୍ଯ୍ୟକ୍ଷମ ହେଉ ଥିବାରୁ ଅନେକ ସମୟରେ ଘରୋଇ ହସ୍ପିଟାଲ ଦେୟ ପାଇବା ବିଳମ୍ବ ହୋଇଥାଏ। ଯେଉଁଥିପାଇଁ



ହିତାଧିକାରୀଙ୍କୁ ଭର୍ତ୍ତି କରିବା ପାଇଁ ମନା କରି ଦେଇଥାନ୍ତି ହସ୍ପିଟାଲ। କିନ୍ତୁ ବିଏସକେୱାଇରେ ସରକାର ନିଜସ୍ୱ ପାଣ୍ଠିରୁ ଦେୟ ପ୍ରଦାନ କରୁଥିବାରୁ, ଘରୋଇ ହସ୍ପିଟାଲ ରୋଗୀଙ୍କୁ ଆଡମିଟ କରିବା ପାଇଁ ଦ୍ୱିଧା ପ୍ରକାଶ କରନ୍ତି ନାହିଁ। ରାଜ୍ୟର ପ୍ରାୟ ୯୬ ଲକ୍ଷ ୫୦ ହଜାର ଲୋକ ବିଏସକେୱାଇ ମାଧ୍ୟମରେ ମାଗଣା ଚିକିତ୍ସା ସୁବିଧା ପାଇ ପାରୁଛନ୍ତି ଓ ଏଥିରେ କୌଣସି ବୟସ ସୀମା ନାହିଁ। ହେଲେ ଆୟୁଷ୍ମାନ ଯୋଜନାରେ ରାଜ୍ୟର କେତେ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରାଯିବ, ସେନେଇ ସନ୍ଦେହ ରହିଛି। ଆୟୁଷ୍ମାନ ଯୋଜନାରେ ୭୦ ବର୍ଷରୁ ଅଧିକ ଲୋକଙ୍କୁ ସୁବିଧା ମିଳିବ ନା ନାହିଁ ସେ ନେଇ କିଛି ସ୍ୱଷ୍ଟତା ନାହିଁ। କେଉଁ ଆଧାରରେ ଏହା ନିର୍ଦ୍ଧାରଣ ହେବ, ତାହା ସ୍ୱଷ୍ଟ କରାଯାଇନାହିଁ। ହେଲେ ବିଏସକେୱାଇରେ କୌଣସି ବୟସ ସୀମା ନାହିଁ। ବିଏସକେୱାଇ ଲାଗୁ ହେବା ପରେ ରାଜ୍ୟର ମୁଣ୍ଡ ପିଛା ନିଜସ୍ୱ ଚିକିତ୍ସା ଖର୍ଚ୍ଚରେ ଉଲ୍ଲେଖନୀୟ ହ୍ରାସ ଘଟିଛି। କିନ୍ତୁ ଆୟୁଷ୍ମାନ ଯୋଜନା ଲାଗୁ ହୋଇଥିବା ରାଜ୍ୟ ବଢ଼ିଛି ଲୋକଙ୍କ ଚିକିତ୍ସା ଖର୍ଚ୍ଚ। ଏହି ତଥ୍ୟରୁ ସ୍ୱଷ୍ଟ ପ୍ରତୀୟମାନ ହେଉଛି ଯେ ନବୀନ ସରକାରଙ୍କ ଦ୍ୱାରା ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ସ୍ୱାସ୍ଥ୍ୟ କ୍ଷେତ୍ରରେ, ଓଡିଶା ଅନେକ ବିଜେପି ଶାସିତ ରାଜ୍ୟ ମାନଙ୍କ ଠାରୁ ଭଲ ସ୍ଥିତିରେ ରହିଛି। ରାଜ୍ୟବାସୀଙ୍କ ପାଇଁ ଆଶୀର୍ବାଦ ସଦୃଶ ରହିଥିବା ବିଏସକେୱାଇର ରୂପରେଖ ପରିବର୍ତ୍ତନ କରି ତାର ଉପାଦେୟତାକୁ କଦର୍ଥ କରାନଯାଉ। ସ୍ୱାସ୍ଥ୍ୟ ମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଅନୁଯାୟୀ ରାଜ୍ୟ ସରକାର ପ୍ରାୟ ୬୭ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରିବେ ଓ ପ୍ରାୟ ୩୩ ଲକ୍ଷ ଲୋକଙ୍କୁ ବିଏସକେୱାଇର ପରିବର୍ତ୍ତିତ ନାମ ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରାଯିବ। ଏଠାରେ ଆମେ କହି ରଖୁଛୁ ଯେ, ରାଜ୍ୟର ପ୍ରାୟ ୧ କୋଟି ପରିବାର ବିଏସକେୱାଇ ମାଧ୍ୟମରେ ଚିକିତ୍ସା ସୁବିଧା ପାଉଥିଲେ। ତେବେ କେଉଁ ଆଧାରରେ ପରିବାର ବର୍ଗଙ୍କୁ ଆୟୁଷ୍ମାନ ଓ ବିଏସକେୱାଇ ଯୋଜନାରେ ସାମିଲ କରାଯିବ, ତାହା ରାଜ୍ୟ ସରକାର ସ୍ୱଷ୍ଟ କରିବା ଦରକାର।

# ୨୬ରୁ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର :** ମୋହନ ସରକାରଙ୍କ ପ୍ରଥମ ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖ ଠାରୁ ଆରମ୍ଭ ହେବ। ଓଡ଼ିଶା ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନ ନଭେମ୍ବର ୨୬ ତାରିଖ ଠାରୁ ଆରମ୍ଭ ହୋଇ ୩୫ ଦିନ ପରେ ଶେଷ ହେବ। ଏହି ଅଧିବେଶନ ଡିସେମ୍ବର ୩୧ ଯାଏଁ ଚାଲିବ। ଏହାରି ମଧ୍ୟରେ ମୋଟ୍ ୩୦ଟି କାର୍ଯ୍ୟ ଦିବସ ରହିବ ବୋଲି କୁହାଯାଇଛି। ଆଗାମୀ ଶୀତକାଳୀନ ଅଧିବେଶନ ନଭେମ୍ବର ୨୬ ତାରିଖ ଠାରୁ ଆରମ୍ଭ ହୋଇ ଡିସେମ୍ବର ୩୧ ଯାଏଁ ଚାଲିବ। ଏହାରି ମଧ୍ୟରେ ମୋଟ୍ ୩୦ଟି କାର୍ଯ୍ୟ ଦିବସ ରହିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଗତ ସେପ୍ଟେମ୍ବର ୧୧ ତାରିଖରେ ଶେଷ ହୋଇଥିଲା। ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜୁଲାଇ ୩୧ ତାରିଖ ଯାଏ ଚାଲିଥିଲା। ଅଗଷ୍ଟ ୨୦ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୧୧ ତାରିଖରେ ଶେଷ ହୋଇଥିଲା। ଏହି ଅଧିବେଶନରେ ଆଉ ଦୁଇଟି କାର୍ଯ୍ୟଦିବସ ବାକି ଥିଲା। ତେବେ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ନଥିବାରୁ ଅଧିବେଶନକୁ ଶେଷ କରିବା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ।



ତାହା ବାଚନିକ ଭୋଟ୍‌ରେ ପାରିତ ହୋଇଥିଲା। ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କଲା ପରେ ଏହା ଥିଲା ପ୍ରଥମ ଅଧିବେଶନ। ପ୍ରଥମ ଥର ପାଇଁ ବିଜେଡି ବିରୋଧୀ ଦଳ ଆସନରେ ବସିଥିଲା। ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଆସନରେ ବସିଥିବା ନବୀନ ପଟ୍ଟନାୟକ ଏଥର ବିରୋଧୀ ଦଳ ନେତାଙ୍କ ଆସନରେ ବସିଥିଲେ। ସେହିପରି ଗତ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ଆସନରେ ବସିଥିବା ମୋହନ ଚରଣ ମାଝୀ ଏଥର ମୁଖ୍ୟମନ୍ତ୍ରୀଙ୍କ ଆସନରେ ବସିଥିଲେ। ଏହି ଅଧିବେଶନରେ ମୋଟ୍ ୨୫ଟି କାର୍ଯ୍ୟଦିବସ ରହିଥିଲା। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। ୧୦ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଥିଲା।

# ବାରରେ ନାଚିବେ ଡ୍ୟାନ୍ସର; ଛୁଇଁବା ମନା ଓ ଉଡିବନି ଟଙ୍କା


**ଭୁବନେଶ୍ୱର :** ମାତ୍ର କିଛିଦିନର ବ୍ୟବଧାନ ପରେ ରାଜ୍ୟ ସରକାର ପୁଣିଥରେ ମଦବାରଗୁଡ଼ିକ ପାଇଁ କଠୋର ହୋଇଛନ୍ତି। ଏଣିକି ବାରଗୁଡ଼ିକରେ କେବଳ ଅର୍କେଷ୍ଟ୍ରା ରହିବ। ଆଉ ଡ୍ୟାନ୍ସ କାର୍ଯ୍ୟକ୍ରମ ହେବନି। ଏଥିପାଇଁ ଅବକାରୀ ନିୟମାବଳୀ-୨୦୧୭ରେ ସଂଶୋଧନ ମଧ କରିଛନ୍ତି। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବା ସହ କେବଳ କଟକ-ଭୁବନେଶ୍ୱର କମିଶନରେଟ ପୁଲିସ ଅଞ୍ଚଳ ମଧ୍ୟରେ ଲାଇସେନ୍ସପ୍ରାପ୍ତ ଅନ୍ ସପ୍ ଓ ବାରଗୁଡ଼ିକରେ ମ୍ୟୁଜିକାଲ ପ୍ରୋଗ୍ରାମ ଓ ଅର୍କେଷ୍ଟ୍ରା କରିବାର ପ୍ରାବଧାନକୁ ମଧ ହଟାଇ ଦେଇଛନ୍ତି। ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ 'ଓଡ଼ିଶା ଅବକାରୀ (ସଂଶୋଧନ) ରୁଲସ-୨୦୨୪' ବିଜ୍ଞପ୍ତି ଜାରି ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲସ୍ - ୨୦୧୭ରେ କେତେକ ସଂଶୋଧନ କରିଛନ୍ତି। କାର୍ଯ୍ୟକ୍ଷମ ହୋଇଥିବା ଏହି ସଂଶୋଧିତ ନିୟମାବଳୀ (ରୁଲସ) ଆଧାରରେ ଏଣିକି ରାଜ୍ୟର ମଦବାର ଗୁଡ଼ିକରେ ମହିଳାମାନେ ମ୍ୟୁଜିକାଲ ପ୍ରୋଗାମ ଅବା ଅର୍କେଷ୍ଟ୍ରା ପରିବେଷଣ କରିପାରିବେ। ଓଡ଼ିଶା ଅବକାରୀ ରୁଲସ-୨୦୧୭ର ନିୟମାବଳୀ-୪୪ (ସବରୁଲସ-୪)ର ପ୍ରାବଧାନରେ ସଂଶୋଧନ କରାଯାଇଛି। ଅବକାରୀ କମିଶନରଙ୍କ ଲିଖିତ ଅନୁମତି ଆଧାରରେ ବିଦେଶୀ ମଦ ଓ ଭାରତରେ ପ୍ରସ୍ତୁତ ବିଦେଶୀ ମଦ (ଆଇଏମଏଫଏଲ) ବିକିବାକୁ ଅନସପ୍ ଲାଇସେନ୍ସଧାରୀ ବା ଲାଇସେନ୍ସପ୍ରାପ୍ତ ବାରରେ ୨୧ବର୍ଷ ବୟସରୁ ଊର୍ଦ୍ଧ୍ୱ ମହିଳାମାନେ



ମ୍ୟୁଜିକାଲ କାର୍ଯ୍ୟକ୍ରମ ଅବା ଅର୍କେଷ୍ଟ୍ରାରେ ସାମିଲ ହୋଇପାରିବେ। ପୁରୁଣା ନିୟମାବଳୀରେ ଥିବା 'ଡ୍ୟାନ୍ସ କାର୍ଯ୍ୟକ୍ରମ'ର ପ୍ରାବଧାନକୁ ସଂଶୋଧିତ ରୁଲସରେ ହଟାଇ ଦିଆଯାଇଛି। ସେହିପରି ସବ୍‌ରୁଲସ-୫ରେ ସଂଶୋଧନ କରାଯାଇଛି ଏହି ଅନୁମତି ପ୍ରଦାନ ନିମନ୍ତେ ଯେଉଁଥିରେ ଅବକାରୀ କମିଶନରଙ୍କୁ ସର୍ତ୍ତମୂଳକ କ୍ଷମତା ଦିଆଯାଇଛି । ଅବକାରୀ କମିଶନର ୨୧ଟି ସର୍ତ୍ତ ଆଧାରରେ ଏହି ମଦବାର ଗୁଡ଼ିକ ପରିଚାଳନା ପାଇଁ ଅନୁମତି ଦେଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି। ୨୦୧୭ ନିୟମାବଳୀରେ ୧୭ଟି ସର୍ତ୍ତ ଥିବାବେଳେ ସଂଶୋଧିତ ନିୟମାବଳୀରେ ଆଉ ୪ଟି ନୂଆ ସର୍ତ୍ତ ଯୋଡ଼ା ଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ତ୍ତ ଗୁଡିକ ହେଉଛି, ଲାଇସେନ୍ସପ୍ରାପ୍ତ ଅନସପ୍ ଓ ମଦବାର୍ ପରିସରରେ ସିସିଟିଭି କ୍ୟାମେରା ଲାଗିବ, ଯାହାକି ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ହେଉଥିବା ଷ୍ଟେଜକୁ ଭଲଭାବେ ରେକର୍ଡିଂ କରିପାରୁଥିବ ଏବଂ ଏହି କ୍ୟାମେରା ୨୪ଘଣ୍ଟା ଅନ୍ ରହିବ ତଥା ସେଥିରେ କୌଣସି ପ୍ରକାରର ଟ୍ୟାମ୍ପରିଂ କରାଯିବ ନାହିଁ। ଏହି ସିସିଟିଭି କ୍ୟାମେରାର ହାର୍ଡ ଡିସ୍କରେ ଅତିକମରେ ୩ମାସର ରେକର୍ଡିଂ ଗଚ୍ଛିତ ରହିବାର ସୁବିଧା ଥିବା ଜରୁରୀ। ସିସିଟିଭି ଫୁଟେଜର ରେକର୍ଡିଂକୁ ସ୍ଥାନୀୟ ପୁଲିସ୍ ଥାନା ଅଫିସର ଓ ଅବକାରୀ ଥାନା ଅଧିକାରୀଙ୍କ ନିକଟରେ ଉପଲବ୍ଧ କରାଇବେ। ଯଦି କୌଣସି କାରଣରୁ ସିସିଟିଭି ଖରାପ ହୋଇଯାଏ ତା'ହେଲେ ସମ୍ପୃକ୍ତ ବାରମାଲିକ ସଙ୍ଗେସଙ୍ଗେ ନିଜ ଅଞ୍ଚଳର ଅବକାରୀ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ଅବଗତ କରାଇବେ। ଆଉ ଯେପର୍ଯ୍ୟନ୍ତ ସିସିଟିଭି ଠିକ୍ ନହୋଇ ସେପର୍ଯ୍ୟନ୍ତ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ବନ୍ଦ ରହିବ। ଅର୍କେଷ୍ଟ୍ରା ପ୍ରଦର୍ଶନ କରୁଥିବା ମହିଳାଙ୍କ ରେକର୍ଡ ରଖିବା ପାଇଁ ବାରଗୁଡ଼ିକୁ ରେଜିଷ୍ଟର ରଖିବାକୁ ପଡ଼ିବ। ଯାହା ଦରକାର ସମୟରେ ପୁଲିସ ଅବା ଅବକାରୀ ଅଫିସରଙ୍କୁ ଦେବେ। ଲାଇସେନ୍ସଧାରୀ ନିଜର ଲାଇସେନ୍ସକୁ ସ୍ୱଷ୍ଟ ଭାବେ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରିବେ।

କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୪ - ୧୦ ନଭେମ୍ବର, ୨୦୨୪

# ଭଲ ଶାସନ ଅପେକ୍ଷାରେ

ସମ୍ପାଦକୀୟ



ତାରକ ମହାନ୍ତି

ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହାର ଯଦି ତର୍ଜମା କରାଯିବ ତେବେ ବୁଝିବାକୁ ପଡିବ ରାଜ୍ୟରେ ବିଜେପି ସରକାର ବା ଖୋଦ ମୁଖ୍ୟମନ୍ତ୍ରୀ ଗତ ସରକାରର ବ୍ୟାପକ ଦୁର୍ନୀତି ବିରୋଧରେ ନିଶ୍ଚୟ ଅବଗତ ଅଛନ୍ତି। ସାଧାରଣ ନିର୍ବାଚନ ବେଳେ ଏହି କଥାଟି କହି ବିଜେପି ଲୋକଙ୍କ ଆସ୍ଥାଭାଜନ ହୋଇପାରିଥିଲା ଏବଂ ରାଜ୍ୟରେ ଶାସନ ପରିବର୍ତ୍ତନ ଘଟିଥିଲା। ତେବେ ନୂଆ ସରକାର ଇତିମଧ୍ୟରେ ଚାରି ମାସ ଶାସନ କ୍ଷମତା ଉପଭୋଗ କରିସାରିଲେଣି। ଏହାରି ମଧ୍ୟରେ ଅନେକ ଦୁର୍ନୀତିଗ୍ରସ୍ତ କ୍ଲାସ-୧ ଓ କ୍ଲାସ- ୨ ଅଧିକାରୀ ଧରାପଡି ଜେଲ ଯାଇଛନ୍ତି। କାହାଘରୁ ପୁଳା ପୁଳା ଟଙ୍କା ସୁନା ବାହାରିଛି ଓ ସଂଖ୍ୟାଧିକ ପ୍ଲଟ ଓ ଘର ରହିଥିବା ଜଣାପଡିଛି। ଏପରିକି ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ କୋଟି କୋଟି ଟଙ୍କା, ଅନ୍ୟ ରାଜ୍ୟରେ ବଡ଼ ବଡ଼ ଅଟ୍ଟାଳିକା ଥିବା ସାମ୍ନାକୁ ଆସିଛି। ହେଲେ ଅସଲ ଖଳନାୟକ ଏଯାଏ ଭିଜିଲାନ୍ସ ଜାଲକୁ ଆସିପାରିନାହାଁନ୍ତି। ମୋହନଙ୍କ ବର୍ତ୍ତମାନର ବକ୍ତବ୍ୟକୁ ଅନୁଧ୍ୟାନ କଲେ ଜଣାପଡୁଛି ଆଗକୁ ବଡ଼ ମାଛ ଜାଲରେ ପଡିପାରନ୍ତି। ମୋହନ କହିଛନ୍ତି ଏ ସରକାରର ଟ୍ରେଲର ଦେଖିଲେ ଜନତା, ଆଗକୁ ସିନେମା ଦେଖିବେ। ସେହି ସିନେମା କ'ଣ ହୋଇପାରେ ବୋଲି ଲୋକ ଭାବୁଛନ୍ତି। ଦୁର୍ନୀତି ନିବାରଣକୁ ମୋହନ ସରକାର ଦେଉଥିବା ଗୁରୁତ୍ୱ ଯଦି ସତ୍ୟ ହୁଏ, ତେବେ ବହୁ ଅମଲା ଏଥିରେ ପଡ଼ିବାର ଆଶଙ୍କା ଦେଖାଦେଇଛି। ଯଦିଓ ଲୋକେ ଆଶା କରିଥିଲେ ରାଜ୍ୟରେ ବିଜେପି ସରକାର ଆସିଲେ ପୂର୍ବ ସରକାରରେ ଯେଉଁମାନେ ଭୟଙ୍କର ଦୁର୍ନୀତି କରିଛନ୍ତି ନିଶ୍ଚୟ ଝାରପଡା ଯିବେ। କିନ୍ତୁ ଗତ ଚାରି ମାସ ମଧ୍ୟରେ ମୋହନ ସରକାର ସେଭଳି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବର୍ତ୍ତମାନର ବକ୍ତବ୍ୟକୁ ଅନୁଧ୍ୟାନ କଲେ ମନେହେଉଛି ଆଗକୁ କିଛି ଗୋଟେ ହୋଇପାରେ। ସେ ୫-ଟି' ହେଉ କି ବ୍ଲାକ ରୋଜ ବୁଡି ଘଟଣା ଉପରେ ନିଶ୍ଚୟ କିଛି କାର୍ଯ୍ୟାନୁଷ୍ଠାନ ହେବ। କାରଣ ନବୀନ ସରକାର ଯେଭଳି ୫-ଟି' କାର୍ଯ୍ୟକ୍ରମ ନାଁରେ ରାଜ୍ୟ ସରକାରଙ୍କ ସବୁ ବିଭାଗ ଜଣେ ଅଫିସରଙ୍କ ହାତରେ ଟେକି ଦେଇଥିଲେ। ସେ ଆଉ କେହି ନୁହଁନ୍ତି, ଭୈରବ କାର୍ତ୍ତିକେୟନ ପାଣ୍ଡିଆନ। ଯାହାଙ୍କୁ ସମ୍ପତ୍ତି ଉଇଲ କଲାଭଳି ନବୀନ ସବୁ କ୍ଷମତା ଦେଇଦେଇଥିଲେ। ନୂଆ-ଓ' ବାହାନାରେ କୋଟି କୋଟି ଟଙ୍କା ପାଣି ଭଳି ଉଡାଇ ଦେଇ ପାଣ୍ଡିଆନଙ୍କୁ ଓଡ଼ିଶାର ମୁଖିଆ ମାନିବାକୁ ଏକ ପ୍ରକାର ସମସ୍ତଙ୍କୁ ବାଧ କରିଦେଇଥିଲେ। ଯାହାର ସ୍ୱରୂପ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଥିଲା। ସ୍ୱୟଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଓଡିଶା ବୁଲି ଲୋକଙ୍କ ସୁଖ ଦୁଃଖ ନବୁଝି ତାଙ୍କ ଚଳନ୍ତିପ୍ରତିମା ପାଣ୍ଡିଆନଙ୍କୁ ହେଲିକପ୍ଟର ଦେଇ ଘିରି ଘିରି ବୁଲାଇଚାଲିଲେ, ଯାହାର ହିସାବ ଏଯାଏ ମିଳୁନାହିଁ। ଏବେ ମୋହନଙ୍କ ଭିଜିଲାନ୍ସ ବାଣୀ କଣ ଏଭଳି ତଥ୍ୟ ଖୋଲିପାରିବ ନା ଏହା କୁହାଯାଏ ବୋଲି ମୁଖ୍ୟମନ୍ତ୍ରୀ କହିଲେ? ମୋହନ ଯାହାଙ୍କୁ ଭିଜିଲାନ୍ସ ଜାଲରେ ଛନ୍ଦିଲେ ସେ କଣ ଦୋଷୀ ସାବ୍ୟସ୍ତ ହେବେ ନା ଆୟ ବହିର୍ଭୁତ ସମ୍ପତ୍ତି ସରକାରୀ ଖାତାକୁ ଆସିବ! ଲୋକେ କିନ୍ତୁ ମୋହନଙ୍କ ସତ ତଥ୍ୟ ଅପେକ୍ଷାରେ। କାରଣ ଯେଉଁ ରାଜ୍ୟରେ ବିଜେପି ସେଠାରେ ଦୁର୍ନୀତି ନାହିଁ। ଏହାକୁ ଆପଣ ସତ ଭାବିଲେ କଣ କରାଯିବ? କଥା ହେଉଛି ବିଜେଡି ଶାସନ କାଳରେ ସର୍ବାଧିକ ଦୁର୍ନୀତି ହୋଇଥିବା ବିଜେପି କହିଥିଲା। ଏଥିରେ ଯିଏ ସଂଶ୍ଳିଷ୍ଟ ତାଙ୍କୁ ଝାରପଡା ପଠାଯିବ ପ୍ରସଙ୍ଗ ବି ଥିଲା। ହେଲେ ସେହି ପ୍ରସଙ୍ଗ ଏବେ ସିଧା ନଉଠି ଏମିତି ବଙ୍କାରେ ଯାହା କୁହାଯାଉଛି ତାହାକୁ ଯଦି ବିଶ୍ୱାସ କରାଯାଏ କେବେ ଖୋଲିବ ବିଜେଡିର ଦୁର୍ନୀତି ପେଡି? ଏଇ ପ୍ରଶ୍ନ ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଡଙ୍କାରୀ ପାହାଡ଼ ବିକ୍ରି ହେଉ ଚନ୍ଦକା ଗୋଠପାଟଣାରେ କେନାଲ ଜମି ଜବରଦଖଲ ସବୁଠି କେଉଁ କେଉଁ ମାନେ ରହିଥିଲେ ତାହାର ତଥ୍ୟ ଲୋକଲୋଚନକୁ ଆସିବା ଦରକାର। ଅନ୍ୟ ମୁଣ୍ଡରେ ଦୋଷ ଲଦି ନବୀନ ବାବୁ କଣ ଏ ଦୁର୍ନୀତିରୁ ରକ୍ଷା ପାଇବା ଉଚିତ ବି ନୁହେଁ। ସେ ଥିଲେ ରାଇଜ ମୁଖିଆ। ପ୍ରଶଂସା ଓ ପୁରସ୍କାରକୁ ନେଇ ସେ ଯେମିତି ଖୁସି ହେଉଥିଲେ ତାଙ୍କରି ଶାସନରେ ହୋଇଥିବା ଦୁର୍ନୀତି କଣ ତାଙ୍କ ଦୋଷ ନୁହେଁ କି?

ଏବେ ଯେଉଁମାନେ ଭିକେ ପାଣ୍ଡିଆନଙ୍କ ଉପରେ ଦୋଷ ଲଦୁଛନ୍ତି ସେମାନେ ବି ବୁଝିବା ଦରକାର ଯେ, ନବୀନ ବାବୁଙ୍କ ସମ୍ମତି ବିନା ପାଣ୍ଡିଆନ କଣ ଏତେ ଦୁର୍ନୀତି କରିପାରିବେ ବା କରୁଥିଲେ। ଯେଉଁ ମୁଖ୍ୟମନ୍ତ୍ରୀ ନିଜେ ଅଳ୍ପ ଉଡି ପାଣ୍ଡିଆନଙ୍କ ପାଇଁ ହେଲିକପ୍ଟର ଖଞ୍ଜି ଦେଇଥିଲେ ତାହାର ଭିତିରି ଉଦ୍ଦେଶ୍ୟ କଣ ଥିଲା ତାହା ଜଳଜଳ ଦିଶୁଛି। ପାଣ୍ଡିଆନ ନିଜ ଇଚ୍ଛାରେ ରାଜ୍ୟ ପରିଭ୍ରମଣ କରୁଥିଲେ କି ନବୀନ ତାଙ୍କୁ ବୁଲାଉଥିଲେ ତାହା ତ ନବୀନଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ନେଇ ପାଣ୍ଡିଆନ ସେତେବେଳେ ସୂଚନା ଦେଇଥିଲେ। ତେଣୁ ନବୀନ ହିଁ ସବୁକଥା ଜାଣୁଥିଲେ ଓ ବୁଝୁଥିଲେ। ଠିକ ସେମିତି ୫-ଟି' ହେଉ କି ନୂଆ-ଓ' ଯେଉଁଥିରେ ଯାହା ବି ଦୁର୍ନୀତି ହୋଇଛି ତାହା କିଭଳି କେବଳ ପାଣ୍ଡିଆନଙ୍କୁ ଦୋଷ ଦେଇହେବ! ନବୀନ ହିଁ ସବୁଥିରେ ମାଷ୍ଟର ମାଇଣ୍ଡ କୁହାଯିବାରେ ଅସୁବିଧା କେଉଁଠି? ଖଣି ହେଉ କି ଖାଦାନ, ଏଥିରୁ ଖଣିଜ ସମ୍ପଦ ଉତ୍ତୋଳନ କରିବାକୁ କିଏ ଅନୁମତି ଦେଉଥିଲେ ତାହା କେତେ ଆଇନ ସଂଗତ କି ବେଆଇନ ଥିଲା ସେଥିରେ ମଧ୍ୟ କେଲେଙ୍କାରୀ ରହିଛି। ସ୍କୁଲ କାନ୍ଥରେ ରଙ୍ଗ ମାରି କେତେ ହରିଲୁଟ ହେଲା ତାହାର ମଧ୍ୟ ହିସାବ ହେବା ଜରୁରୀ। ତେଣୁ ମୋହନ ବାବୁ ଏ ସମସ୍ତେ ଦିଗ ପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାର ବେଳ ଆସିଛି। ଏବେ ଆଉ କଥାରେ ନୁହେଁ, କାର୍ଯ୍ୟ କରିବାର ଉପଯୁକ୍ତ ସମୟ ପହଁଚିଛି। ଯେଉଁ ଆଶା ବିଶ୍ୱାସ ନେଇ ଓଡ଼ିଶାର ଜନସାଧାରଣ ବିଜେପିକୁ ରାଜ୍ୟ ଶାସନ ଭାର ଦେଇଛନ୍ତି ତାହାକୁ ପୂରଣ କରୁ ବିଜେପି। ଗତ ସରକାର ସମୟରେ ହୋଇଥିବା ପ୍ରତିଟି ଦୁର୍ନୀତିର ପର୍ଦ୍ଦାଫାସ ହେଉ ଏବଂ ଏଥିରେ ଜଡିତ ମନ୍ତ୍ରୀ, ଅଫିସର, ନେତା ସମସ୍ତଙ୍କୁ ଦଣ୍ଡିତ କରାଗଲା ଏହା ନୂଆ ଉଦାହରଣ ସୃଷ୍ଟି କରିପାରନ୍ତା। ତେଣୁ ମୋହନଙ୍କ ସରକାର ଆଉ ନୂଆ ହୋଇ ନାହିଁ। ଚାରିମାସ ଅତିକ୍ରମ କରିସାରିଲାଣି। ଇତିମଧ୍ୟରେ ସରକାର ଜାଣି ସାରିଥିବେ ଯେ, କେଉଁ କେଉଁ ବିଭାଗରେ କଣ କଣ ଦୁର୍ନୀତି ଚାଲିଥିଲା ଓ ଏଥିପାଇଁ କିଏ ଦାୟୀ। ତେଣୁ ଏ ସମସ୍ତେ ତଥ୍ୟ ବିଜେପି ସରକାର ଅନୁଧ୍ୟାନ କରୁ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଦମ୍ଭ ଦେଖାଉ। କେବଳ ମାର ମାର ଭଣ୍ଡାରୀଆକୁ ମାର ନୀତିରେ ଯଦି ସରକାର ଚାଲେ ବିଜେଡିର ବଳ ବଢ଼ିବ। ବିଜେଡି ଯଦି ୨୦୨୪ ନିର୍ବାଚନର ପରାଜୟ କାରଣ ଖୋଜି ପାଉନାହିଁ ଏହା ତାଙ୍କ ଦଳ ପାଇଁ ବିପର୍ଯ୍ୟୟର କାରଣ ହେବ। ବରୀର ପୂର୍ବତନ ବିଧାୟିକ ସୁନନ୍ଦା ଦାସଙ୍କ ବକ୍ତବ୍ୟ ଯଦି ସତ ହୁଏ ତେବେ ବିଜେଡିରେ କିଏ ମୁଖିଆ ତାହା ବୁଝିବାକୁ ଆଉ କଷ୍ଟ ହେବନାହିଁ। ତେଣୁ ଅମଲାତନ୍ତ୍ର ହାତରେ ଶାସନ କ୍ଷମତା ନ ସଅଁପି ମୋହନ ସରକାର ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ଶାସନ ଚଳାଇଲେ ରାଜ୍ୟ ପାଇଁ ବହୁତ ଭଲ ହେବ।

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅପମିଶ୍ରଣକାରୀଙ୍କୁ ମୃତ୍ୟୁଦଣ୍ଡ ମିଳୁ



ଆଶୁତୋଷ ନାୟକ

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଇଶ୍ୱରଙ୍କ ସବୁଠାରୁ ଶେଷ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷଜୀବ ମନୁଷ୍ୟ। ନିଜର ବୃଦ୍ଧି ଓ ବିବେକ ପାଇଁ ଶେଷତ୍ୱର ଆସନ ଅଳକୃତ କରିଛି ମନୁଷ୍ୟ। ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂଲଭ। ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶେଷ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି। ଏପରି ଅନେକ ଦୃଷ୍ଟାନ୍ତ ରହିଛି। ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡିଛି। ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଟାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି।

ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ି ଚାଲିଛି ତାର କଳ୍ପନା କରିବା ଅସମ୍ଭବ। ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି। ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ,କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି ।ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି। ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼ ବ୍ୟବହାର କରାଯାଏ। ଫର୍ମାଲ ଡିହାଇଡ଼ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ। କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼ ବ୍ୟବହାର ଦ୍ୱାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ। ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀକୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ। କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି। ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି। ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ। ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ମନୁଷ୍ୟ ଅଧିକ ଟଙ୍କା ଲାଭ କରିବା ଆଶାରେ ଆମେ ଖାଉଥିବା ଖାଦ୍ୟପଦାର୍ଥ ଯେପରିକି ହଳଦୀ, ବିଭିନ୍ନ ମସଲା, ରସୁଣ, ପିଆଜ, ଅଦା ପନିପରିବା ଠାରୁ ଆରମ୍ଭ କରି ଅଣ୍ଡା, ମାଛ, ମାଂସ ପରି ଅଧିକାଂଶ ଖାଦ୍ୟସାମଗ୍ରୀରେ ଅପମିଶ୍ରଣ କରାଯାଉଛି। ବିଭିନ୍ନ କେମିକାଲ, ହରମୋନ ଇଞ୍ଜେକ୍ସନ, ବିଭିନ୍ନ ସିଂଥଂଟିକ ପଦାର୍ଥ ବହୁଳ ମାତ୍ରାରେ ବ୍ୟବହୃତ ହେଉଛ। ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରିକି ଲସି, ଦହି, ଦୁଗ୍ଧର ଉତ୍ପାଦ ପନିର ପରି ସାମଗ୍ରୀରେ ମଧ୍ୟ ବ୍ୟାପକ ଅପମିଶ୍ରଣ କରାଯାଉଛି।

ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏବେ ନିକଟରେ କଟକ ଜଗତପୁର ମହାନଦୀ ପଠା ଜଙ୍ଗଲରୁ ଏକ ଅପମିଶ୍ରିତ କ୍ଷୀର କାରଖାନା ଠାବ କରାଯାଇଛି। ରୋହିଣୀ ମିଲ୍କ ନାମକ ଏହି କାରଖାନାରେ ଗୋମାତାର କ୍ଷୀର ବଦଳରେ ବିଭିନ୍ନ ପାଉଡର ଓ କେମିକାଲରେ ଦୁଗ୍ଧ, ଦହି, ଲସି ପ୍ରସ୍ତୁତ କରାଯାଇ ବଜାରକୁ ବିକ୍ରୟ ପାଇଁ ଯାଉଥିଲା। ଦୀର୍ଘ ଛଅ ମାସ ଧରି ଏହି ଖାଦ୍ୟ ଅପମିଶ୍ରଣକାରୀ ମାଫିଆ ମାନେ ସରକାର ଓ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଏତାଦୃଶ କୁକର୍ମ ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି। ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି। ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅପିଙ୍ଗା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*

# ଗପ ଶୁଣିବା ଆସ



ଶିବା କର୍ମୀ

ପ୍ରାଚୀନ କାଳରେ, ଛାତ୍ର ଓ ଛାତ୍ରୀମାନେ ଗୁରୁକୂଳରେ ରହି, ଶିକ୍ଷା ଗ୍ରହଣ ସାଙ୍ଗକୁ ଚରିତ୍ର ଗଠନ କରୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ସେମାନେ ଗୁରୁ କିମ୍ବା ଗୁରୁଭାଇଙ୍କ ଠାରୁ ନୀତିଶିକ୍ଷା ସାଙ୍ଗକୁ ବିଭିନ୍ନ ପ୍ରକାର ଗପ ମଧ୍ୟ ଶୁଣୁଥିଲେ, ଯଥା ରାମଚନ୍ଦ୍ରଙ୍କର ଗୁରୁ ବଶିଷ୍ଟ, କୃଷ୍ଣଙ୍କର ଗୁରୁ ସନ୍ଦିପାନି,ଏକଲବ୍ୟଙ୍କର ଗୁରୁ ଦ୍ରୋଣ ଏବଂ ସ୍ୱାମୀ ବିବେକାନନ୍ଦଙ୍କର ଗୁରୁ ରାମକୃଷ୍ଣ ପରମହଂସ ଅଟନ୍ତି। ସେତେବେଳେ ଗୁରୁକୂଳରେ ପାଠପଢା ସହ ସୃଜଶୀଳତା ବୃତ୍ତି ପାଇଁ ଗୁରୁତ୍ୱ ଦେଉଥିଲେ। ପାଠ ପଢ଼ିବାର ପ୍ରଥମ ସୋପାନ ଗପ କହିବାରୁ ଓ ଶୁଣିବାରୁ ଆରମ୍ଭ ହୁଏ। ପିଲାମାନଙ୍କୁ ନୂତନ ଚିନ୍ତାଧାରା ଓ ଶିଖିବାର କଳା ଶିଖାଇଥାଏ। ଯାହାଫଳରେ ସେମାନେ ଆଦର୍ଶ ଜୀବନ ଓ ବାକ ଶକ୍ତି ଗଠନରେ ସଫଳ ହୋଇଥିଲେ। ଓଡ଼ିଶାରେ ଗପ କହିବାର ପରମ୍ପରା ଅତି ପ୍ରାଚୀନ। ଆଇମା କାହାଣୀର ଜହ୍ନ ଓ ପରୀରାଇଜ କଥା, ମଣ୍ଡାଖିଆ ଅସୁର, ଟୁଆଁଟୁଇଁ, ଶୁଆସାରି କଥା ଓ ବୁଢ଼ୀ ଅସୁରୁଣୀ ତଥା ଗୋପାଳ ଭାଣ୍ଡଙ୍କ କାହାଣୀ ସବୁବେଳେ ଆମର ପରିଚିତ ଗପ ହୋଇ ରହିଆସିଛି। ଗାଁ ମାନଙ୍କରେ ପିଲାଛୁଆମାନେ ସନ୍ଧ୍ୟାରେ ସେମାନେ ସେମାନଙ୍କର ମା, ଜେଜେ ବାପା ଓ ଜେଜେ ମାଆଙ୍କ ଠାରୁ ଗପ ଶୁଣୁ ଥିଲେ। ନିଦ ନ ଆସିଲେ ମା, ଆଇମା ଠାରୁ ଗପ ଶୁଣି ଶୁଣି କେତେବେଳେ ଯେ ନିଦ ଆସିଯାଉଥିଲା କେହି ଜାଣି ପାରନ୍ତି ନାହିଁ। କିନ୍ତୁ ବର୍ତ୍ତମାନ ଗପ କହିବା ପାଇଁ ହେଉ କି ଶୁଣିବା ପାଇଁ ହେଉ କାହା ପାଖରେ ସମୟ ନାହିଁ କି ଆଉ ଧର୍ଯ୍ୟ ନାହିଁ ତେଣୁ ଗପ ଶୁଣିବା ଓ କହିବା ପ୍ରଥା କମି କମି ଯାଉଛି। କିନ୍ତୁ ସମସ୍ତେ ମୋବାଇଲ, ଟିଭି ଓ ସିନେମାରେ ନିଜର ମନକୁ ନିବେଶ କରୁଛନ୍ତି। ଫଳରେ ମନରେ ସେହି ଚିତ୍ର ଚରିତ୍ରର କୁ ପ୍ରଭାବ ଯୋଗୁଁ ମନ ଅସୁନ୍ତଳିତ ଓ ମତି ଭ୍ରମ ହେଇଯାଉଛି। ଯାହା ଫଳରେ ଆମର ଏକାଗ୍ରତା, ବୁଦ୍ଧି ବିକାଶ ଓ ଆଖିର ଦୃଷ୍ଟି ଶକ୍ତି ନଷ୍ଟ ହେବାକୁ ଯାଉଛି, ତା ସଙ୍ଗେ ସଙ୍ଗେ ଆମର ଚରିତ୍ର ଓ ଆଚାର ବ୍ୟବହାର ମଧ୍ୟ ନଷ୍ଟ ହଉଛି। ଭାରତର କାହାଣୀକାର ଏବଂ କାହାଣୀ ପ୍ରଶିକ୍ଷକବ ନୂପୁର ଅଗ୍ରୱାଲ କୁହନ୍ତି, ଗପ କହିବାର କଳାରେ ମହିଳା ପୁରୁଷଙ୍କ ତୁଳନାରେ ଅଧିକ ଦକ୍ଷ। ଶୋଇବା ବିଛଣାରେ ନିଜ ପିଲାଙ୍କୁ ଗପ କହି ଶୁଆଇବା କଳା ମହିଳାଙ୍କୁ ଈଶ୍ୱରଙ୍କ ସ୍ୱତନ୍ତ୍ର ଦାନ। ମାଆ କୋଳରେ ଓ ବିଛଣାରେ ପିଲାଦିନେ ଗପ ଶୁଣି ଶୋଇବାର ଅଭୁଲା ସ୍ମୃତି ସବୁ ମା'ଓ ପିଲାଙ୍କ ଜୀବନର ଅବଶିଷ୍ଟ ଦିନରେ କେବେବି ଭୁଲି ପାରନ୍ତି ନାହିଁ। ଭାରତର ସୁପରିଚିତ ଷ୍ଟୋରି ଟେଲର ସାରିକା ସଲିଲ କହନ୍ତି, ଗପ ମଣିଷର ଇତିହାସ, ସଂସ୍କୃତି ଓ ସଭ୍ୟତାକୁ ବଞ୍ଚାଇ ରଖିଥାଏ। ଗପ କହିବାର କଳା ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ ସ୍ୱେଚ୍ଛାଚାରୀମାନଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରିଆସିଛି। ଗପ ଅନ୍ୟ ଦେଶର ଲୋକକଥା, ଚଳଣି, ପରମ୍ପରା ଓ ଇତିହାସ ବିଷୟରେ ଜ୍ଞାନ ବାଣ୍ଟିଥାଏ। ଗପ ଶୁଣିବା ଓ କହିବା ଦ୍ୱାର ଆମର ମସ୍ତିଷ୍କରେ ନ୍ୟୁରନର (ସ୍ନାୟୁ କୋଷ) କାର୍ଯ୍ୟକଳକ୍ଷପ ବୃଦ୍ଧି ହୁଏ, ଏବଂ ଏକ୍ସୋଟୋସିନ୍ ନାମକ ଏକ ହୋର୍ମୋନ କ୍ଷରଣ ହୁଏ, ଏହି ହୋର୍ମନକୁ ହେପି ହୋର୍ମୋନ ବା ଉତ୍ସାହପ୍ରଦ ହର୍ମନ ମଧ୍ୟ କହନ୍ତି। ଏହି ହର୍ମୋନ ଆମର ମନ, ଭାବ, ଧୃଶକ୍ତି, ସ୍ମରଣ ଶକ୍ତି ଓ ବ୍ୟବହାର ଉପରେ ଭଲ ପ୍ରଭାବ ପଡିଥାଏ। ଯେତେବେଳେ ଆମେ କାହାଣୀ ଶୁଣିବା ଓ କହିବା, ସେତେବେଳେ ଆମର ମସ୍ତିଷ୍କ ହାଲୁକା ହୋଇଯାଏ। ଗପ ଶୁଣିବା ଦ୍ୱାର ଆମର ମାନସିକ,ସାମାଜିକ ଓ ମର୍ଯ୍ୟାଦା ସମ୍ପନ୍ନ ଜୀବନ ଗଠନ ହେବା ପାଇଁ ମୁଖ୍ୟ ଭୂମିକା ନିର୍ବାହ କରେ,ଏବଂ ଗପ ଶୁଣିବା ଓ କହିବା ଦ୍ୱାରା ଏକଗ୍ରତା ବଢାଇଥାଏ, ଦୃଢ଼ ସଂକଳ୍ପ ଶକ୍ତି ବୃଦ୍ଧି,ମୌଳିକ ଶିକ୍ଷା ମିଳେ, ସ୍ମରଣ ଶକ୍ତି ବୃଦ୍ଧି, ନକାରାତ୍ମକ ଚିନ୍ତା ଦୂରୀଭୂତ,ମନ ପ୍ରଫୁଲ୍ଲ ରୁହେ, ପାଠ ପଢିବା ପାଇଁ ଇଚ୍ଛା ଶକ୍ତି ଜାଗ୍ରତ, ମାନସିକ ଶାନ୍ତି, ସୁନିଦ୍ରା, ମାନସିକ ଚାପ ଦୂର, ଥକାପଣ ଲାଘବ, ଶିଶୁ ମାନଙ୍କର ମାନସିକ ଦକ୍ଷତା ବୃଦ୍ଧି ହୁଏ। ତେଣୁ ସମସ୍ତେ ନିଜ ନିଜ ଜୀବନରେ ଅନେକ ସମୟରେ ଭଲ କଥା କହିବା ଓ ଧୈର୍ଯ୍ୟର ସହ ଶୁଣିବା ଆବଶ୍ୟକ। ପାରିବାରିକ ଜଞ୍ଜାଳରୁ ସାମୟିକ ବିରତି ଦେଇ ଜୀବନକୁ ଏକ ନୂଆ ଢଙ୍ଗରେ ଉପଭୋଗ ଓ ଉପସ୍ଥାପନା କରିବାର ସୁଯୋଗ ଦେଉଛି।

*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର*
*ଦୂରଭାଷା : ୮୮୯୫୭୦୧୨୬୯*

# ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ

## ଅକ୍ଷୟ କୁମାର ରାଉତ

*(ପୂର୍ବପ୍ରକାଶ ଉତ୍ତାରୁ)*

ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟ ଚୌଧୁରୀ ସହିତ ପରିଚିତ ହୋଇଥିଲା। ପୁରୀ ବଡ ଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମ ଥର ଦେଖାହେଲା। ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ। ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟ କଲେ। ଗୋଦାବରୀଶଙ୍କ ପିନ୍ଧା ଲୁଗା ଥିଲା ମାତ୍ର ଖଣ୍ଡିଏ। ସେ ଲୁଗାଟିକୁ ଛୁଟିଦିନରେ ଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି। ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଞ୍ଚିବା ପର ମୁହୂର୍ତ୍ତରେ ତାଙ୍କ ବୋଉ ମଧ୍ୟ ହଇଜାରେ ଦେହତ୍ୟାଗ କଲେ। ଘରେ ଅନ୍ଧୁଣୀ ବୁଢୀ ମା ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣୀ ଫେରିଗଲେ ପାଠ ପଢିବାକୁ। ରାମକୃଷ୍ଣ ବାବୁଙ୍କ ପାଞ୍ଚ ଟଙ୍କା ବୃତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ। ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶ କରି ଦଶଟଙ୍କା ବୃତି ପାଇଲେ। ଏହି ବୃତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ। ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ। ୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ। ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତି କଷ୍ଟରେ ମୃତ୍ୟୁ ବରଣ କରିଥିଲା। ବାଣପୁର ଅଞ୍ଚଳରେ କଲେଜ ପଢୁଆ ଯୁବକ ଭାବରେ 'ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠ ଚୋରି ଅଭିଯୋଗରେ ଫସାଇ ଦିଆଗଲା। ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା। ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କା ବୃତିର ପାଞ୍ଚ ଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ। ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ। କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତି ଖର୍ଚ୍ଚ ପାଇଁ ନଖଟ ହେଲା। ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ। କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା। ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟ କଲେ। ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ। ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧ୍ୟାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ। ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ ଟଙ୍କିଆ ବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ। ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଳ ଷ୍ଟେସନରେ ପ୍ରାୟ ପାଞ୍ଚ ହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା। ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ। କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷା ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ। ଦୀର୍ଘ ୩୦୦ ମାଇଲ ଦୂରରୁ ଦୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ। ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା। ଆଇନ ପାଠ ଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ। ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ। ତିନି ବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନଂ ନେଲେ। ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ। ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ। ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ। ଓଡିଆ ଭାଷ ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ। ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ।

ସେଠାରେ ଶିଳ୍ପର ଉନ୍ନତି ପାଇଁ ଭୁବନାନନ୍ଦ ଦାସ , ମଜୁମଦାର ଓ ଗୋଦାବରିଶ ମିଶି ଏକ 'ଜାତୀୟ ଶିଳ୍ପ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ। ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ। ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ। ପାରଳା ମହାରାଜ ଓ ଗୋଦାବରିଶ ଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା। ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟହେଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ। ତଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ। ସେ କିଛି ଦିନ ସମାଜର ସମ୍ପାଦକ୍ ଥିଲେ। ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ। ଗୋଦାବରିଶ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ। ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ। ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ,କବି ଓ ଲେଖକ।

*ପାରାଦ୍ୱୀପଗଡ,କୁଜଙ୍ଗ, ଜଗତସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୩୮

**ପୂର୍ବାଭାଷ**

ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ ? 'କାହିଁ ପାରିଲାନି ତ !' ତେବେ କ'ଣ ହେଲା ଆଗକୁ .... ! !

**(ପୂର୍ବପ୍ରକାଶ ଉତ୍ତାରୁ)**

"ହାଏ ... ପୂରବୀ ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'

ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶୀଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।

ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।

- ଉତ୍ତର କ'ଣ ଜାଣ ?

- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।

ମୁଁ କ'ଣ ଭୁଲ କହୁଛି, ପୂରବୀ ?

**(ପୂର୍ବପ୍ରକାଶ ଉତ୍ତାରୁ)**

ଭୀଷଣ ଭୟ ମୋ'ର ... ନିଶାସକ୍ତ ହେଇ ମନରେ ସମୁଦ୍ରେ ଶୋଷ ନେଇ ସେଇ ସମୁଦ୍ର କୂଳେ ସମୁଦ୍ରକୁ ଚାହିଁ ଚାହିଁ ବୁଡି ମରିବାକୁ।

ଆଖିପତା ନଇଁ ଆସି ଅଟକି ଗଲା ତୁମ ହାତ ଉପରେ। ତୁମ ପରି ହିଁ ସୁନ୍ଦର ... ତୁମ ହାତ, ଆଙ୍ଗୁଳି, ନଖ, ପାପୁଲି ଓ ପାପୁଲିର ରେଖା। ତେବେ ମୋ' ପାପୁଲିର ରେଖା ସବୁ କେବେ ମିଶି ପାରିବେନି ସେଇ ପାପୁଲିର ରେଖା ମାନଙ୍କ ସାଥିରେ। ମୁଁ ତେଣୁ, ନିଜକୁ ଆଶ୍ୱାସନା ଦେବା ପାଇଁ ... ଆତୁର ହୋଇ ନିଜ ଅନ୍ୟମନସ୍କତାରେ ଖୋଜି ବୁଲୁଥିଲି ସେଇ ଘଣ୍ଟାଟିକୁ। ଯେମିତିକି ସେଇ ଘଣ୍ଟାଟି ମୋ' ଜୀବନର ଏ ଅସମୟକୁ ବଦଳାଇ ଦେଇ ପାରିବ ସଠିକ୍ ସମୟ କରି !

ଆହା ... କେତେ ଭଲ ହେଇଥାନ୍ତା ଘଣ୍ଟାଟି ତୁମ ହାତରେ ବନ୍ଧା ହେଇଥିଲେ। ମୁଁ ବାଆଁ, ଡାହାଣ ଗୋଟି ଗୋଟି କରି ଦୁଇଟି ଯାକ ହାତକୁ ଥର ଥର କରି ଚାହିଁଲି।

'ହାଏ ... କେଉଁ ହାତରେ ବି ତୁମେ ପିନ୍ଧିନଥିଲ ଘଣ୍ଟା।'

ହଁ, ଆଜିକାଲିର ଏ ମୋବାଇଲ ଯୁଗରେ କିଏ ବା' ଆଉ ଘଣ୍ଟା ପିନ୍ଧିବାକୁ ପସନ୍ଦ କରେ ଯେ !

ତଥାପି ... ସବୁକଥା ଜାଣି ସୁଦ୍ଧା, ସେତିକିବେଳେ କିଛି ଗୋଟାଏ ଭାଙ୍ଗିଗଲା ଝଣଝଣ ଶବ୍ଦ କରି ମୋ' ହୃଦୟ ଭିତରେ। ଧୀର ହେଇଗଲା ସେଇ ବେଗମତୀ ନଈର ଗତି। ଅବଶ୍ୟ ସେଇ ଭାଙ୍ଗିଯିବାର ଯେଉଁ ଶବ୍ଦ, ତାହା ଶୁଭି ନଥିବ ଯେ ତୁମକୁ।

'ଶୁଭିଲା କି ? ?'

ଯନ୍ତ୍ରଣା ମୁଁ ଲୁଚେଇ ପାରେନା। ସେଦିନ ଯଦି ତୁମେ ପଢ଼ିଥିବ ନଈର ଅଭିମାନକୁ, ନିଶ୍ଚୟ କେବେ ନା କେବେ ଦିନେ ସେ ଘଣ୍ଟା ତୁମ ହାତରେ ନିଜକୁ ଦେଖି ହସିବ ଯେ।

ସେଦିନ କିନ୍ତୁ ତୁମ ହାତ ଦେଖି ବୁଝିଗଲା ତୁମ ଜହ୍ନ, "ଦିନର ଆଲୁଅରେ ସ୍ଥାନ ନାହିଁ ତା'ର ! ତା' ଭାଗ୍ୟରେ ଯେ କେବଳ କୋମଳ ଅନ୍ଧାର।"

ମୁଁ ଜାଣିପାରିଲି, କେତେ ସୀମିତ ଆକାଶ ଥାଏ ପ୍ରେମିକାର ଭାଗ୍ୟରେ। ଚାହିଁଲି, ତୁମ ପାଦ ଦୁଇଟିକୁ।

'ଆଃ... କି ଅନୁପମ !'

ବେଗମତୀ ନଈ ଶାନ୍ତ ହେଲା ଜାଣ, ସେଇ ତୁମ ପାଦ ଦୁଇଟିର କୋମଳ ପଣରେ। ଶ୍ରୀଚରଣ କମଳେଷୁ



ଏତିକି କାମନା !

ଆଜୀବନ ସେଇ ପାଦଦ୍ୱୟ ତଳେ ଧ୍ୟାନ ଥାଉ ମୋ'ର !

ଇତି

ତୁମର .... କେବଳ ତୁମର

ଗୋଟିଏ ସାଧିକା ପରି ଏକାଗ୍ର ଚିତରେ ଶୁଣି ଚାଲିଥିଲେ ପୂରବୀ। ଏକ ଉଲ୍ଲାସରେ ଚିକ୍ ଚିକ୍ କରୁଥିଲା ତାଙ୍କ ଆଖି ଦୁଇଟି।

ଆନନ୍ଦର ଆତିଶଯ୍ୟରେ କହି ଉଠିଲେ - "ଆରେ ! ଏ ଚିଠି ପହଞ୍ଚିଲା ନା ନାଇଁ ଯେ ପ୍ରାପକଙ୍କ ପାଖକୁ ?"

ଆରେ ! ନା।

ତାହା କଣ କେବେ ସମ୍ଭବ। ଏଭଳି ଅସଂଖ୍ୟ ଚିଠି ଆଜି ବି ସାଇତା ହେଇ ରହିଛି ମୋ' ପାଖରେ।

ଅବଶ୍ୟ ସାଇ ଅନେକ ଥର କହିଛି, ଆଗ୍ରହ ବି ଦେଖେଇଛି ଏ ଚିଠିସବୁ ତାଙ୍କ ପାଖରେ ପହଞ୍ଚାଇବା ପାଇଁ। ଥରେ ତ ଯାଇଥିଲି ବି ପୂରବୀ ...।

"ହେଃ ... ଥାଉ ମ .... ସେକଥା ଏବ .... ! ସବୁକଥା କ'ଣ ଛୋଟ ପିଲାଙ୍କୁ କୁହାଯାଏ !"

**||୧୦||**

ଆଜି ପୁଣି ମୋ' ମନର ବୋଝକୁ ହାଲୁକା କରିବା ପାଇଁ କାଗଜ କଲମର ଆଶ୍ରୟ ନେଇଛି ମୁଁ ପୂରବୀ ! ତୁମକୁ ସିନା ପିଲା କହି ବୁଝେଇଦେଲି, ତେବେ ଏ ଅକୁହା ବେଦନାର ଭାରକୁ କେଉଁ ବୋହି ପାରୁଛି ମୁଁ।

ସତରେ ସେ ଜଣେ ଯୋଗୀ ପୁରୁଷ ହିଁ। ନହେଲେ ପୁରୁଷ ଜଣେ କ'ଣର ନିଜ ମନକୁ ଏମିତି ନିଜ ଆୟତ୍ତରେ ରଖିପାରେ କେବେ ?

ସାଇ କହେ - 'ମା' ଆସୁନାହାନ୍ତି ତାଙ୍କ ସହରକୁ ! ଆମେ ଯିବା, ତାଙ୍କୁ ଭେଟିବା। ଏତେ ଝୁରି ହେଉଛନ୍ତି, ସେଇଠି ରହି। ସେ ବି ତ ମନେ ପକାଉଛନ୍ତି ଖୁବ୍ ଆପଣଙ୍କୁ।'

ମୁଁ କହେ - 'ମିଛ କଥା ! ସେ କାହିଁକି ମନେ ପକାନ୍ତେ ଯେ ମୋ'ତେ। ମନେ ପକାଉଥିଲେ କ'ଣ ଏମିତି ସବୁ ଯୋଗାଯୋଗ ବିଚ୍ଛିନ୍ନ କରି ରଖିଥାଆନ୍ତେ ? ସେ ଯଦି ଲୋଡୁ ନାହାଁନ୍ତି, ମୁଁ ଯିବି ବା କାହିଁକି ଯେ ? ?'

ପୁଣି କହେ - 'ସାଇ ! ତାଙ୍କ ପାଖକୁ ଲେଖୁଥିବା ଚିଠି ସଂଖ୍ୟା ଶହେ ଛୁଇଁଲାଣି। କୌଣସି ପ୍ରକାରେ ତାଙ୍କୁ ଯଦି ଦେଇ ହୁଅନ୍ତା ....! ତାଙ୍କ ଜିନିଷ ତାଙ୍କ ପାଖରେ ପହଞ୍ଚିବା ଉଚିତ୍। ହଁ ... ନା ନାଇଁ ଯେ? ତୁମେ କଣ କହୁଛ ?

- 'ହଁ ! ନିଶ୍ଚୟ ନା। ତେବେ ଆପଣ ଆସିଲେ ସିନା ଯାହା ହେବ। ଆପଣ ତ ଆସୁ ହିଁ ନାହାଁନ୍ତି।' - ମୁହଁ ଫୁଲାଏ ସାଇ।


**(କ୍ରମଶଃ)**

## କୈଶୋର କଳିକା



### ଜନ୍ମ

ଡ. ଦୀପକ କୁମାର ମିଶ୍ର



ଲାଲ ଦେଖାଗଲେ ସୂର୍ଯ୍ୟ
ସକାଳ ଜନ୍ମନିଏ ଅରୁଣିମାର କୋଳରେ
ଆଉଟୁପାଉଟୁ ରାତିକୁ ଭାବିନିଏ ଗର୍ଭ
କିଟିକିଟି ଅନ୍ଧାର ତ
ଗର୍ଭ ଯନ୍ତ୍ରଣାର ଭାଗ୍ୟ।

ମୋ କଥା ଥିଲା ଟିକେ ଦୋସରା
ମା' କହୁଥିଲା ପରା
ଯେବେ ଛେଚୁଥିଲା
ତୁହାକୁତୁହା ନିର୍ଧୂମ ଅନ୍ଧାର
ଆକାଶରେ ଲୁଚି ଯାଇଥିଲେ
ତାରା ଆଉ ଜହ୍ନ
ବେତାଳ ପିଠିରେ
ଆସିଥିଲା ଉଆଁସୀ କନ୍ୟାଟେ
ଥାପିଥିଲା ଆସ୍ତେ ଆସ୍ତେ
ପୃଥିବୀରେ ପାଦ
ସକାଳ ନୁହଁ
ବରଂ ମଧ୍ୟରାତ୍ରର ଏପରି
ଏକ ବିତର୍କିତ ମୁହୂର୍ତ୍ତରେ
କାଳେ ବିମଣ୍ଡିତ କରିଥିଲି
ମୁଁ ତା'ର କୋଳ।

ଆଲୁଅ ବୋଇଲେ ଥିଲା
ଲିଭୁଥିବା ମାଳ ମାଳ ଦୀପ
ଶୂନ୍ୟରେ ଦିଶୁଥିଲା
ଦରପୋଡ଼ା ପୟାଶ୍ରାଦ୍ଧ କାଠ
ଅନ୍ତୁଡ଼ିରେ ଶୁଭିଲା
ତେବେ କୁଆଁ କୁଆଁ ଶବ୍ଦ
ଦୀପ ପ୍ରତିରୂପ ପରା ନାଁଟି ଦୀପକ।

ଶୁଭ, ଅଶୁଭ
ଆଉ ଅପବାଦର ବାଦ୍ୱିଲାରେ
କୋଷ୍ଠି ଓ ଗୋଷ୍ଠୀ ଭିତରେ ଲାଗିଗଲା ଯୁଦ୍ଧ
କଟିଲା ସନ୍ତାପରେ ବାଲ୍ୟ, ଯୌବନ
ଏଯାବତ୍ କରୁଅଛି ଜୀବନ ସଂଗ୍ରାମ।

ଆଜି ଠୁଁ ବନ୍ଦକଲି
ବିଗତର ଯେତେ ସବୁ ଖାତା ଖତିଆନ
ଲଭିବା ଆଉ ଗୋଟେ ଜନ୍ମ,
ଏକ ନୂତନ ଜୀବନ।

ଭୁବନେଶ୍ୱର
ଦୂରଭାଷ : ୮୨୮୦୨୧୧୦୦୦

### ପ୍ରେମ ରାଇଜ

ହରିପ୍ରିୟା ଛତ୍ରିଆ



ପ୍ରେମ ରାଇଜ ଆମ ଥିଲା ବିଶାଳ
ତମେତ କରିଲ ଧ୍ୱଂସ।
ସେ ଧ୍ୱଂସାବସେଷ ଆପେ କଷ୍ଟ ଦିଏ
ଲୋତକର ପରସ।
ସେ ରାଇଜ ଧ୍ୱଂସ ନାହିଁ
କେବେ ଶେଷ କି ଦିନ କି ମାସ।
ବିଶ୍ୱାସ ଘାତକ ପରି କଲ ଧ୍ୱଂସ
ନାହିଁ ଏ ଶରୀରରେ ହଂସ।
ହୃଦୟ ଯାତନା ଦେଖେଇ ହୁଏନା
ହସିବ ଜନ ମାନସ।
ଏହି ଯେ ଜୀବନ ସମୟର ଦାସ
ସମାନ କରିବାକୁ ନାହିଁ ମୋ ସାହସ।
ପାରିବ କି ଦେଇ ବିଷ।
ସେହି ବିଷ ନେଇ ପ୍ରେମ ରାଇଜେ
ମାରିବି ଶେଷ ନିଶ୍ୱାସ।
ପ୍ରେମ ରାଇଜେ ଆମ ଥିଲା ବିଶାଳ
ତୁମେ ତ କରିଲ ଧ୍ୱଂସ।
ଆଖି ଲୁହକୁ ଓଠ ପିଇ ଯାଏ
ତଥାପି ଅନେକ ଶୋଷ।

ଭେଲା, କୋମନା, ନୂଆପଡ଼ା

### ମଲା ଜହ୍ନ

ଐଶ୍ୱର୍ଯ୍ୟା ପ୍ରଧାନ



ବିଶାଳ ଆକାଶ ଛାତିରେ
ଯେତେବେଳେ ତାରା ମାନଙ୍କ ରାଜୁତି
ସେ ଝାପସା ଆଲୁଅରେ
ସ୍ୱପ୍ନ ବୁଣିବାର ବେଳ।
ସେ ଅମାବାସ୍ୟା ହେଉ
ଅବା ଗାରେ ଜହ୍ନର ରାତି
ଫରକ୍ ପଡେନା।

କ୍ଷୁଧାରେ ଆତୁର
ଉଦରର ଜ୍ୱଳନକୁ ସହ୍ୟ କରି
ଶୋଇବାର ଯନ୍ତ୍ରଣା
କେଇ ଟୋପା ନୀରରେ
ଶାନ୍ତ କରିବାର ପ୍ରୟାସ
ଅନର୍ଗଳ ଭୋକ ରାକ୍ଷସକୁ।
ଚାରିଛକ ଟ୍ରାଫିକରେ, ପ୍ଲାଟଫର୍ମରେ
ହାତ ପତେଇ
କିଛି ପାଇବା ଉତ୍କଣ୍ଠାରେ
ଆଖି ଦୁଇଟିରୁ ନିଥିରି ଯାଏ
କେଇ ଟୋପା ତତଲା ଲୁହ।

ହୃଦୟରେ ଜମାଟ ବନ୍ଧା କୋହକୁ
କିଏ ନବୁଝି ପାରିଲେ ବି,
ବୁଝିପାରେ
ବସଷ୍ଟାଣ୍ଡର ଖୋଲା ବାରଣ୍ଡା
ଡିସେମ୍ବରର ହାଡ଼ଭଙ୍ଗା ଶୀତରେ
କିଏ ଦାନ କରିଥିବା କମ୍ବଳ।

ପୋଡ଼ା ହୃଦୟ ଜାଣିପାରେ
କେମିତି ସ୍ୱପ୍ନ ମରେ
ପରିଚୟ ହଜେ
ଆଶା ଆକାଂକ୍ଷା ବଳି ପଡ଼େ
ଆଉ ନୀରବି ଯାଏ ମଣିଷ।

ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି

### ପାଠ ପଢାନ୍ତି କହି କାହାଣୀ

ରମେଶ ଚନ୍ଦ୍ର ନାୟକ



ମାଆ ପଚାରିଲେ କୁନି ଝିଅକୁ
କି କାହାଣୀ ଆଜି କହିଲେ ଅଜା,
ଫାଟି ପଡୁଥିଲା ଘର ଅଗଣା
ହସର ଲହରୀ ତାଳିର ବାଜା।
କୁନି କହେ ଅଜା ଭାରି ଚତୁର
କାହାଣୀ କହିଲେ ସିଏ ଏମିତି,
ସତେକି ତାଙ୍କର କାହାଣୀ କୁହେ
ବିଦ୍ୟାଳୟେ ପାଠ ଗୁରୁ ପଢାନ୍ତି।
କାହାଣୀରେ ଥିଲା ସକାଳୁ ଉଠି
ବାପା ମାଆ ପାଦେ ପ୍ରଣାମ କର,
ବହି ବସ୍ତାନି କୁ ହାତରେ ଧରି
ବିଦ୍ୟାଳୟ ଯାଅ ଡେରି ନକର।
ସୂରୁଯ ଦେବତା ସକାଳ ସଞ୍ଜେ
ହସଇ ନିଇତି ଏକ ରଙ୍ଗରେ,
ସେହି ରଙ୍ଗ ନେଇ ଆଲୋକ ଦେବ
ସୂରୁଯ ପରିକା ସବୁ ଜାଗାରେ।
ମନ ଧ୍ୟାନ ଦେଇ ପଢ଼ିବ ପାଠ
ବିଜ୍ଞାନୀ ହୋଇକି ଚନ୍ଦ୍ର କୁ ଯିବ,
ବିକାଶ ପଥରେ ଆଗେଇ ଯାଇ
ଏ ଦେଶ ଜାତିର ସେବା କରିବ।
ଖାତିରି ନ କରି ପଥର ମାଡ଼
କେତେ ଦୁଃଖେ କଷ୍ଟେ ନଦୀ ବହଇ,
ସତ୍ୟ ଲୟ ସାଥେ କର୍ମ ପଥରେ
ପରିଶ୍ରମ କଲେ ଫଳ ମିଳଇ।
ରୋଗ ହୁଏ ଦୂର ଖେଳ ଖେଳିଲେ
ସମୟ ସାଥିରେ ତାଳ ଦେଇକି,
ବିନୟ ଭାବରେ କଥା କହିବ
ଅନ୍ୟାୟ କାମଠୁ ଦୂରେ ରହିକି।
ନୀତିଶିକ୍ଷା ପୂର୍ଣ୍ଣ ଅଜା କାହାଣୀ
କୁହେ ଧର୍ମ ମିଳେ ହରି ଭଜିଲେ,
ସତ୍ୟ ଶାନ୍ତି ଦୟା ଗୁଣ ଯାହାର
ସମ୍ମାନ ମିଳଇ ତାକୁ କହିଲେ।

କେଶରପୁର , ବକ୍ସି ବଜାର , କଟକ
ଦୂରଭାଷ: ୭୯୭୮୧୫୧୭୧୦.

## ଚିତ୍ରକର

ମନୋଜ କୁମାର ମହାନ୍ତି



**(ପୂର୍ବପ୍ରକାଶ ଉତ୍ତାରୁ)**

ଆଗରୁ କେବେ ବି କେଉଁଠି ବି ପରସ୍ପରକୁ ଭେଟିନଥିବା ନୃତ୍ୟରତା ଷୋଡ଼ଶୀ ଆଉ ତବଲାବାଦକ ଯୁବକ ପରିଷଦମାନଙ୍କ ସାମ୍ନାରେ ଯେ ପରିବେଷଣ କରିପାରିଥିଲେ ଅସମ୍ଭବ ଦକ୍ଷତା ! ତେବେ ଏଠି ଏମ୍ତି ଘଟିଲା ନାହିଁ କାହିଁକି ? କାହିଁକି ଜହ୍ନର ଜ୍ୟୋସ୍ନାରେ ଚହଲି ଗଲାନାହିଁ କଳାର ଜାଦୁଗରୀ ? ବୋଧେ କଳାଠୁଁ ଏଠି ପ୍ରେମ ଓ ଆବେଗ ଭାରି ହୋଇଗଲା !

ଆବେଗ ଆଉ ପ୍ରେମ ପାଖରେ କଳା ଅବଶ ! ସ୍ଥିତିପ୍ରଜ୍ଞ ହୋଇପାରିଲେ ନାହିଁ କଳାକାର ଦୁଇଜଣ। ଦେଶର ଦୁଇପ୍ରାନ୍ତରୁ ସେମାନଙ୍କୁ ଆମନ୍ତ୍ରି ଆଣିଲା ବେଳେ କାହାସହିତ କାହାର ପରିଚୟ ନଥିଲା। କଳାନୈପୁଣ୍ୟ ଫୁଟେଇବାରେ ପରିଚୟର କୌଣସି ଅର୍ଥ ନଥାଏ। ଆଗରୁ କେତେଥର ସୂର୍ଯ୍ୟାଲୋକରେ ପାରିଷଦମାନଙ୍କ ସାମ୍ନାରେ ଅଭ୍ୟାସ ସମୟରେ ଏମ୍ତି କିଛି ଘଟିଯାଇ ନଥିଲା ତ ! ହଠାତ୍ ଏଠି ଏମ୍ତି କାହିଁକି ?

ଜହ୍ନର ଜ୍ୟୋସ୍ନାରେ, ମୃଦୁ ମଳୟରେ ଆଖିରେ ଯେ ଆଖି ମିଶିଲା। ଓଃ... କି ଭୟଙ୍କର ସେ ଆମନ୍ତ୍ରଣ ? ସର୍ବଶକ୍ତିମାନ ରାଜା, ରାଜା ପାରିଷଦଙ୍କ ସାମ୍ନାରେ ବି କର୍ତ୍ତବ୍ୟର ଜ୍ଞାନ ରହିଲା ନାହିଁ। ହାତ ସେମ୍ତି ଅଟକିଗଲା ତବଲା ଉପରେ ଆଉ ଘୁଂଗୁର ଥରିଉଠିଲା ନାହିଁ ରାଜ ତୋଷାମଦର ଆଦେଶରେ। ପ୍ରେମ ପାଖରେ ତୁଚ୍ଛ ହୋଇଗଲା ଭୟଙ୍କର ଶାସ୍ତିବିଧାନର ପରମ୍ପରା !

ପ୍ରେମ ପାଇଁ ଫାଶି ପାଇବା ଏଇଟା କେଉଁ ନୂଆ ଇତିହାସ ନଥିଲା ! ମୁଁ କହିଲି। ଆଉବି କହିରଖେ ସୁମନ୍ତ ଯେ ଏଇଟା ସର୍ପ ଗୋଟେ କିମ୍ବଦନ୍ତୀ ! ସତ୍ୟାସତ୍ୟ ଅନୁସନ୍ଧାନ ସାପେକ୍ଷ ! କାଇଁ ଦୁଇଶ ବର୍ଷ ତଳର ମନ୍ଦିରର କଳା ଭାସ୍କର୍ଯ୍ୟରୁ ଆମେ କାହିଁକି ଖୋଜିବା ଅତ୍ୟାଚାରର ଇତିହାସ। ସେଇଠି ତ ଶିଳ୍ପୀର କଳାଚତୁର୍ଯ୍ୟ ଆମ ପାଇଁ ମୂଲ୍ୟବାନ ! ନୁହେଁ କି ?

ସୁମନ୍ତ ସିଗାରେଟ୍‌ର ଟୁକୁଡ଼ା ମୋ ଆଡ଼କୁ ବଢ଼ାଇ ବ୍ୟଙ୍ଗକଲା - ତୁ'ଟା ତୁଚ୍ଛା ଅନାଡ଼ି ! ମୁଁ ଏଠି ଭାସ୍କର୍ଯ୍ୟ ଶୀଳ୍ପରୁ ପ୍ରେମର ଉଚ୍ଚାରଣ ଖୋଜୁଚି ଅଥଚ ତୁ କେବଳ ନିହାତ ହାତୁଡ଼ିର କାରିଗରୀ ଚତୁର୍ଯ୍ୟ ବଖାଣୁଚୁ। ପ୍ରେମର ଉଚ୍ଚାରଣଟେ ନଥିଲେ, ଆବେଗଟେ ନଥିଲେ, ଶୀଳ୍ପକଗ ଫୁଟାଇ ପାରେ କାରିଗରୀ ?


ପାହାଡ଼ ସେପଟୁ ଜହ୍ନଟା ଆତ୍ମଘୋଷିତ ରାଜାଟାଏ ପରି ଆକାଶରେ ଆକାଶେ ହେବ ଜ୍ୟୋସ୍ନା ସାଉଁଟି ପରିପ୍ରକାଶ ଲିଭିଲାଣି। ମୁଁ କହିଲି - ଚାଲ୍ ରହିଯିବା ରାତିଟିଏ ଏଇଠି, ଆଉ ଶୁଣିବା ସେଇ ରୋମାଞ୍ଚିତ କିମ୍ବଦନ୍ତୀର ନୂପୁର ଚିକ୍କଣ ! ଆମେ ଜଗିବସିବା ରାତ୍ରିର ସେହି ଜହ୍ନଭିଜା ସୁଖଦ ମୁହୂର୍ତ୍ତକୁ !

ସୁମନ୍ତ କହିଲା - ନା... ନା... ଆମକୁ ଫେରିବାକୁ ହେବ। ଏଠୁ ପାଦଚଲା ରାସ୍ତାରେ ଗଲେ ଗୋଟାଏ କି.ମି. ପରେ ଗାଁ ଆଉ ସେଠୁ ସହର ପୁରା ଅଧଘଣ୍ଟାର ରାସ୍ତା। ମୁଁ ମୋଟର ସାଇକେଲରେ କିକ୍ ଦେଲି। ଆବୁର-ଜାବୁର ହେଇ ଧ୍ୱଂସ ପ୍ରାୟ ଜଙ୍ଗଲ। ସୁମନ୍ତ କହିଲା - ବେଶୀ ହେଲେ କୋକିଶିଆଳିଟାଏ ବାହାରି ପରେ, ନହେଲେ ଜଙ୍ଗଲରେ ଆଉ କେଉଁ ସବୁଜପଣଟାଏ ରହି ଯାଇଚି କି ?

ଜହ୍ନର ଜ୍ୟୋସ୍ନାରେ ଅଘଞ୍ଚ ଜଙ୍ଗଲ ପାଖରେ ପରିତ୍ୟକ୍ତ ଗୋଟେ ଶୀଳାର ମନ୍ଦିର ! ରାଜ୍ୟର ଶେଷ ସୀମାନ୍ତରେ ଏ କାରୁକାର୍ଯ୍ୟକୁ କିଏ ବୋଧେ ପରଖି ନାହିଁ, କିମ୍ବା ଧ୍ୱଂସ ପ୍ରାୟ ଏ ଶୀଳା ଲେଖରୁ କିଏ କିଛି ସାଉଁଟି ପାରିନାହିଁ। କିମ୍ବଦନ୍ତି ତା ବାଟରେ ପିଢ଼ି ପର ପିଢ଼ି ଲଟେଇ ଚାଲିଛି। କେଉଁ ଗାଇ ଆଳଟେ ନାଇତ କାଠ ସଂଗ୍ରହ କରୁଥିବା କେଉଁ ମହିଳାଟେ ବଖାଣି ବସେ କାଁ ଭାଁ ଆସୁଥିବା ଦର୍ଶକକୁ, ଆଉ ପ୍ରତିବଦଳରେ ମାଗିବସେ ଦଶଟଙ୍କା ନାଇଁତ ବେଶୀ ହେଲେ କୋଡ଼ିଏ ଟଙ୍କା !

ମୁଁ କହିଲି - ନା... ନା... ଏବେ ଖୋଜାଚାଲିଚି ପରିତ୍ୟକ୍ତ ମନ୍ଦିର, ଆଉ କୋଟି କୋଟି ଖର୍ଚ୍ଚ କରି ନୂଆଁ ଢ଼ଙ୍ଗରେ ନୂଆ ରୂପଟେ ଦେବାର ପ୍ରୟାସ ତ ଜାରି ରହିଚି। କେବେ କେହି ଏଇଠି ପହଞ୍ଚି ଯାଇପାରେ ଆଉ ମନ୍ଦିରର ଭାଗ୍ୟ ସହ କିମ୍ବଦନ୍ତି ବି ଖୁବ୍ ବେଶୀ ରୋଚକ ଢ଼ଙ୍ଗରେ ଆଲୋଚ୍ୟ ହୋଇପାରେ। ଆମେ ଅପେକ୍ଷା ରଖିବା ଆଗାମୀ ଦିନକୁ।

ତୁଳୀରେ ଆକାଶଟେ, ପକ୍ଷୀଟେ, ନଗ୍ନନଟୀଟେ ଆଙ୍କି ପାରୁଥିବା ସୁମନ୍ତ ମାତ୍ର ଭାବପ୍ରବଣ ଥିଲା। ମୋ ପରି ପଥର ପଥର ଭାବନାଟେ ନଥିଲା ତା'ଭିତରେ। ଠିଆଠିଆ ତୁଳୀରେ ହଠାତ୍ ଥରେ ସେ ମୋ ପ୍ରେମିକା ଶିବାନୀର ଈଷତ୍ ମିଶିଯାଉଥିବା ଅସ୍ପଷ୍ଟ ଚିତ୍ରଟେ ଆଙ୍କି ମୋତେ ଚମକାଇ ଦେଇଥିଲା। ଯଦିଚ ସେଇ ନୂଆହୋଇ ପ୍ରେମରେ ପଡ଼ିଥିବା ମୁଁ ତାକୁ ସିର୍ଫ ଶିବାନୀର କିଛି ରୂପକଳ୍ପ ଚୁମ୍ବକରେ ହିଁ କହିଥିଲା !



**(କ୍ରମଶଃ)**



# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା : ମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହେବ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା। ଏନେଇ ଓଡ଼ିଶା ରାଜ୍ୟ ସରକାର ବିଧିବଦ୍ଧ ଭାବେ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରାଥମିକ ସ୍ତରରେ ଏହା ଭୁବନେଶ୍ୱର ସ୍ଥିତ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅସ୍ଥାୟୀ ଭାବେ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି। ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ଓଡ଼ିଶାରେ ପ୍ରତିଷ୍ଠା କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରି ଏଥିପାଇଁ ପ୍ରସ୍ତାବ ରଖିଥିଲେ। ଏହାପରେ ସରକାରଙ୍କ ତରଫରୁ ଆଞ୍ଚଳିକ ଶାଖା ପ୍ରତିଷ୍ଠା ପାଇଁ ବିଧିବଦ୍ଧ ଭାବେ ଅନୁମୋଦନ ମିଳିବା ପରେ ମନ୍ତ୍ରୀ ଶ୍ରୀ ସୂରଜ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ଓଡ଼ିଶାରେ ପ୍ରତିଷ୍ଠା ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାର ଇତିହାସ, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ଦିଗରେ ଓଡ଼ିଆ ନାଟ୍ୟ ପରମ୍ପରାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ପୁରାଣକାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାଟକ ପ୍ରସ୍ତୁତି ଏବଂ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଆ ମାଟିର କାହାଣୀ, ଗୌରବମୟ ଇତିହାସ ଏବଂ ସଂସ୍କୃତି ଲୋକମାନଙ୍କ ନିକଟରେ ପହଞ୍ଚିପାରିଛି। ଭୁବନେଶ୍ୱରରେ ପ୍ରତିଷ୍ଠା ହେବାକୁ ଥିବା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ନିଛକ ଓଡ଼ିଆ ନାଟକ ପ୍ରଦର୍ଶନ, ଏହାର ପ୍ରଚାରପ୍ରସାର ଏବଂ ସଂପ୍ରସାରଣ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ନାଟକ ଏବଂ ଅଭିନୟ କ୍ଷେତ୍ରରେ ଭବିଷ୍ୟତ ନିର୍ମାଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କପାଇଁ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ଭୁବନେଶ୍ୱର ଆଞ୍ଚଳିକ ଶାଖା ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବ। ଏଠାରେ ଉଚ୍ଚକୋଟୀରର ପ୍ରଶିକ୍ଷଣ ଲାଭ କରିସାରିବା ପାରେ ଛାତ୍ରଛାତ୍ରୀମାନେ ଅର୍ନ୍ତରାଷ୍ଟ୍ରୀୟ ସ୍ତରରେ ନାଟକ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସର ବହୁଳ ପ୍ରଚାରପ୍ରସାର କରିପାରିବେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ପ୍ରକାଶଯୋଗ୍ୟଯେ, ୧୯୫୯ ମସିହାରେ ପ୍ରତିଷ୍ଠିତ ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ୧୯୭୫ ମସିହାରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଏକ ସ୍ୱୟଂ ଶାସିତ ଅନୁଷ୍ଠାନ ରୂପେ କାର୍ଯ୍ୟ କରିଆସୁଛି। ବିଶିଷ୍ଟ ଅଭିନେତା ପରେଶ୍ ରାୱଲ ଏହାର ଅଧ୍ୟକ୍ଷ ଓ ଓଡ଼ିଶାର ବିଶିଷ୍ଟ ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ଏହାର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ବିଶିଷ୍ଟ ଅଭିନେତା ବିଜୟ ମହାନ୍ତି, ଅଜିତ ଦାସ, ସୂର୍ଯ୍ୟ ମହାନ୍ତି ଆଦି ଏହି ବିଦ୍ୟାଳୟର ପ୍ରମୁଖ ଛାତ୍ର ରହି ଆସିଛନ୍ତି। ଓଡ଼ିଶାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଆଞ୍ଚଳିକ ଶାଖା ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଆ ସଂସ୍କୃତି ଏବଂ ବିଶେଷ ଭାବେ ଓଡ଼ିଆ ନାଟ୍ୟ ପରମ୍ପରାର ବହୁଳ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

# ବନ୍ତ ବ୍ଲକ ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି; ବିଇଓ ନିରବଦ୍ରଷ୍ଟା

**ଭଦ୍ରକ :** ବନ୍ତ ବ୍ଲକ ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ଓ ପ୍ରୀୟାପ୍ରୀତି ତୋଷଣ ବଢ଼ିଚାଲିଛି। ସବୁ ଜାଣି ବ୍ଲକ ଶିକ୍ଷା ଅଧିକାରୀ ନିରବରେ ରହି କେବଳ ଲାଞ୍ଚ ଟଙ୍କା ଅପେକ୍ଷା ରହୁଥିବା ନେଇ ଅଭିଯୋଗ ହେଉଛି। କେତେ ଗୁଡିଏ ଘଟଣାରେ ଜାଲିଆତି ପ୍ରମାଣିତ ହେବା ପରେ ମଧ୍ୟ ବିଇଓଙ୍କ ଆଖି ଖୋଲୁନାହିଁ। ବରଂ ଅନୈତିକ କାର୍ଯ୍ୟ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡାଇ ରଖୁଛନ୍ତି। ଉକ୍ତ ବ୍ଲକରେ ୧୮ଟା କ୍ଲଷ୍ଟର ଥିଲା ବେଳେ ୧୫ଜଣ ସିଆରସିସି କାର୍ଯ୍ୟ କରୁଛନ୍ତି। ଏପରିକି ଜଣେ ଜଣେ ସିଆରସିସି ଅନେକ କ୍ଲଷ୍ଟରର ଦାୟିତ୍ୱ ବୁଝୁଥିବା ନେଇ ଅଭିଯୋଗ ହେଉଛି। ଏପରିକି ଗୋଟିଏ କ୍ଲଷ୍ଟରରେ ବସି ଅନ୍ୟ କ୍ଲଷ୍ଟରର କାର୍ଯ୍ୟ କିପରି କରାଯାଉଛି ତାହା ସନ୍ଦେହଘେରରେ। ୩-୪ଜଣ ସିଆରସିସିଙ୍କୁ ଛାଡି ଦେଲେ ଅନ୍ୟମାନେ ଠିକ୍ ସମୟରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କେହି କେହି ମାସକୁ ୯ଦିନ କାର୍ଯ୍ୟ କରୁଥିଲା ବେଳେ ଆଉ କେହି ସର୍ବାଧିକ ୧୧ଦିନ କାର୍ଯ୍ୟ କରୁଛନ୍ତି। ଏକଥା କ'ଣ ବିଇଓ ଦେଖିପାରୁ ନାହାନ୍ତି କି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଯେକୌଣସି ମିଟିଂର ଆୟୋଜନ ହେଲେ ୫୦ଜଣ ପାଇଁ ଖାଦ୍ୟ ପାନୀୟ ବନ୍ଦୋବସ୍ତ ହେଉଥିଲା ବେଳେ ପରେ ବିଇଓଙ୍କ ଜ୍ଞାତସାରରେ ୭୦ ରୁ ୮୦ଜଣଙ୍କ ବିଲ୍ କରାଯାଉଛି। ସବୁଠୁ ଦୁର୍ନୀତିଗ୍ରସ୍ତ ସିଆରସିସି ହେଉଛନ୍ତି ଅଶୋକ କୁମାର ଦାସ ବୋଲି ଲୋକେ ଆଲୋଚନା କରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା ବେଳେ ଆଗାମୀ ଦିନରେ ସମସ୍ତ ତଥ୍ୟ ସହ ବନ୍ତ ବ୍ଲକ ଶିକ୍ଷା ବିଭାଗ ଦୁର୍ନୀତି ପଦାରେ ପଡିବ ବୋଲି କହିଛନ୍ତି ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁନ୍ନା-ଜୟନାରାୟଣ ...

କିଛି ବିଜେପି ବିଧାୟକ ଏବେ କୁଆଡେ ବିଜେଡି ସଂପର୍କରେ ଅଛନ୍ତି। ଖୁବଶୀଘ୍ର ବିଜେଡି କ୍ଷମତାକୁ ଫେରିବ ବୋଲି କହି କର୍ମୀଙ୍କ ଆଗରେ ଦମ୍ଭୋକ୍ତି ବାଢିଛନ୍ତି ମୁନ୍ନା। ଯାହାର ଜବାବରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ମୁନ୍ନାଙ୍କ ଗଣିତ ଜ୍ଞାନ ନାହିଁ। ତା'ସହିତ ୨୦୨୯ ବେଳକୁ ବିଜେଡି ଥିବ କି ନାହିଁ ସନ୍ଦେହ ପ୍ରକାଶ କରିଛନ୍ତି। ୨୪ ବର୍ଷର ସ୍ଥିର ସରକାର, ୨୪ ବର୍ଷର ସ୍ଥିର ମୁଖ୍ୟମନ୍ତ୍ରୀ। ହେଲେ ଏଥର ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯେହେତୁ ଏତେଦିନ ଶାସନ କ୍ଷମତାରେ ରହିଥିଲା ଦଳ, ତେଣୁ କ୍ଷମତା ବିନା ଦଳର ନେତା ଓ କର୍ମୀଙ୍କୁ ନିଦ ନାହିଁ। ସେଇଥି ଲାଗି ତ ନବରଙ୍ଗପୁରରେ ଏକ ପଦଯାତ୍ରା ସଭାରେ ବିଜେଡି ରାଜ୍ୟସଭା ସାଂସଦ ମୁନା ଖାଁ କହିଛନ୍ତି, ୧୪ ବିଜେପି ବିଧାୟକ ଏବେ ବିଜେଡି ସଂସ୍ପର୍ଶରେ। ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ୨୨ ନେତା ବିଜେପିରେ ମିଶିଥିଲେ। ଯେଉଁମାନେ ଏବେ ବିଧାୟକ। ଆଉ ଏହି ୨୨ ଜଣଙ୍କ ଭିତରୁ ୧୪ ବିଧାୟକ ଏବେ ବିଜେଡି ଲିଙ୍କରେ ଅଛନ୍ତି। ଯାହାଫଳରେ ବିଜେଡି ଆଉ ଅଳ୍ପ ଦିନରେ କ୍ଷମତାକୁ ଫେରିବ ବୋଲି ମୁନ୍ନା ନିଜ ଅଭିଭାଷଣରେ କହିଛନ୍ତି। ଖାଲି ଏତିକି ନୁହେଁ ବରଂ ଏହା ବି କହିଛନ୍ତି, ୯୦ ପ୍ରତିଶତ ବ୍ଲକ୍ ଓ ଜିଲ୍ଲା ପରିଷଦ ବିଜେଡି ଦଖଲରେ ଅଛି। ତେଣୁ ଆଜି ବି ଯଦି ନିର୍ବାଚନ ହୁଏ ତାହାଲେ ବିଜେଡି ୧୦୦ ସିଟ୍ ଜିତିବ। କିନ୍ତୁ ମୁନ୍ନା କେଉଁ ଆଧାରରେ ଏମିତି କହିଲେ ତାହା ତାଙ୍କୁ ହିଁ ଜଣାଥିବ। ସେପଟେ ବିଜେଡି ନେତାଙ୍କ ଏମିତି ବାହାସ୍ଫୋଟକୁ କାଉଣ୍ଟର କରିଛନ୍ତି ଜୟନାରାୟଣ। କହିଛନ୍ତି, ୧୪ ଗଲେ କଣ ଦଳ ବଦଳ ନିୟମ ଲାଗୁ ହେବନି ? ମୁନ୍ନା ଖାଁଙ୍କୁ ରାଜନୀତି ଗଣିତ ଜଣା ନାହିଁ କି ? ମୁନ୍ନା ଭୁଲ କହୁଛନ୍ତି, ବିଜେପି ବିଧାୟକ ବିଜେଡି ସଂସ୍ପର୍ଶରେ ନାହାନ୍ତି ବରଂ ବିଜେଡି ନେତା ବିଜେପି ଟଚ୍ରେ ଅଛନ୍ତି। ଦୁଇ ଦିନ ତଳେ ବିଞ୍ଝାରପୁରର ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ, ବର୍ତ୍ତମାନ ନିର୍ବାଚନ ହେଲେ ଆମେ ୧୪୦ ସିଟରେ ବିଜୟୀ ହେବୁ। ବିଜେଡି ନୁହେଁ ବିଜେପିରେ ଏବେ ଅସମ୍ଭାଳ ସ୍ଥିତି। ଆଉ ଏହାପରେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ବିଜେଡିର ଗୁମର ଖୋଲିବା ସହିତ ଟିକେଟ୍ ବଣ୍ଟା କେମିତି ହୁଏ ? କାହିଁକି ବିଜେଡି ହାରିଲା ତାହାର ଗୁମର ବି ଖୋଲିଥିଲେ। ଆଉ ୨ ଦିନ ପରେ ଏବେ ପୁଣି ମୁନ୍ନା ଏମିତି କହିବାରୁ ଚର୍ଚ୍ଚା ଜୋର। ମୋଟ୍ ଉପରେ ବିଜେଡି ଉପରେ ଲୋକଙ୍କ ଭରସା ନାହିଁ କି ବିଶ୍ୱାସ ନାହିଁ। ସେଇଥି ଲାଗି ତ ବିଜେଡିକୁ ଏଥର ଶାସକ ନୁହେଁ ବରଂ ବିରୋଧୀ ଦଳରେ ବସାଇଲେ ସାଢେ ଚାରିକୋଟି ଓଡ଼ିଆ। କିନ୍ତୁ ଏହାପରେ ବି କ୍ଷମତା ଲୋଭରେ ବିଜେଡି ନେତା ଯେଉଁପରି ଭାବରେ ବାଉଳି ହେଉଛନ୍ତି ସେଥିରୁ ଗୋଟିଏ କଥା ସ୍ପଷ୍ଟ ବିଜେଡି ନେତାଙ୍କର ମାନସିକ ଅବସ୍ଥା ବୋଧହୁଏ କ୍ଷମତା ଗଲା ପରେ ଠିକ୍ ରହୁନି।

### ମୋଦିଙ୍କ ...

ଦୀପାବଳି ପାଳନ କରିବା ସହ ଭାରତ ସୀମା ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି କହିଛନ୍ତି କିରଣ ରିଜଜୁ। ଗତମାସରେ ରୁଷିଆର କାଜାନ ସହରରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଏକାଠି ହୋଇଥିଲେ ପ୍ରଧାନମନ୍ତ୍ରୀ ମୋଦି ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ। ସୀମାରେ ସ୍ଥିରତା, ସହାବସ୍ଥାନ ନେଇ ଜିନପିଙ୍ଗ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ହୋଇଥିଲା ଆଲୋଚନା। ଅକ୍ଟୋବର ୨୧ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ସୀମାରେ ନିୟମିତ ପାଟ୍ରୋଲିଂ ଆରମ୍ଭ ହୋଇଛି। ଏପ୍ରିଲ ୨୦୨୦ରେ ଚୀନ ସେନା ପୂର୍ବ ଲଦାଖର ୬ଟି ଅଞ୍ଚଳରେ ଅତିକ୍ରମଣ କରିବାକୁ ଉଦ୍ୟମ କରିବା ପରେ ଆରମ୍ଭ ହୋଇଥିଲା ବିବାଦ। ପିପି ୧୭ଏ ଗୋଗରା, ପିପି ୧୪ ଗଲବାନ, ପିପି ୧୫ ହଟ ସ୍ପ୍ରିଙ୍ଗ, ଡେମଚୋକ, ଡେପସାଙ୍ଗ ଓ ପୈଗୋଙ୍ଗ ଦ୍ୱୀପ ସୀମାରେ ଦେଖାଦେଇଥିଲା ଉତ୍ତେଜନା। ଗଲୱାନ ଘାଟିରେ ମୁହାଁମୁହିଁ ହୋଇଥିଲେ ଉଭୟ ଦେଶର ଯବାନ। ସୀମା ସ୍ଥିତିରେ ସୁଧାର ପାଇଁ ବାରମ୍ବାର ସେନା କମାଣ୍ଡର ସ୍ତରୀୟ ଆଲୋଚନା ବିଫଳ ହୋଇଥିଲା। ଉଭୟ ଦେଶର ବୈଦେଶିକ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ଏନ୍ଏସ୍ଏ ସ୍ତରୀୟ ଆଲୋଚନା ପରେ ଶାନ୍ତି ପାଇଁ ରାସ୍ତା ଫିଟିଥିଲା। ଶେଷରେ ୨୦୨୪ ବ୍ରିକ୍ସ ସମ୍ମିଳନୀରେ ଶାନ୍ତି ପ୍ରସ୍ତାବକୁ ଚୁଡ଼ାନ୍ତ ରୂପ ଦେଇଥିଲେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ସି ଜିନପିଙ୍ଗ।

### ସତ ହେବ ...

ଉପକୂଳରେ ଅକ୍ଟୋବରରେ ବାତ୍ୟା ହିଟ୍ ହେବ ବୋଲି କହିଥିଲା ପାଞ୍ଜି। ଯାହା ସତ ପ୍ରମାଣିତ ହୋଇସାରିଛି। ଏବେ ପୁଣି ନଭେମ୍ବରରେ ବାତ୍ୟା ହେବ ବୋଲି କୁହାଯାଇଥିବାରୁ ଲୋକେ ଛାନିଆ ହେଲେଣି। ତେବେ ପାଞ୍ଜିର ପୂର୍ବାନୁମାନକୁ ନେଇ ଲୋକେ ଭୟଭୀତ ଥିବା ବେଳେ ପାଣିପାଗ ବିଭାଗ କିନ୍ତୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଇନି କି ସମୁଦ୍ରରେ ଲଘୁଚାପ ଦାନା ବାନ୍ଧୁଥିବା ନେଇ କୌଣସି ସୂଚନା ଏଯାବତ ନାହିଁ। କିନ୍ତୁ ଆଇଏମ୍ଡି ଏକ୍ସଟେଣ୍ଡେଡ୍ ରେଞ୍ଜ ଫୋରକାଷ୍ଟର କଥାକୁ ଦେଖିଲେ ଲଘୁଚାପ ଦାନା ବାନ୍ଧିବାର ସମ୍ଭାବନା ରହିଛି। ସୂଚନାଥାଉ କି, ଆଣ୍ଡାମାନ ସାଗରରେ ଲଘୁଚାପ ହେବା ପୂର୍ବରୁ ଭାରତୀୟ ପାଣିପାଗ ବିଭଗ ବା ଆଇଏମଡି ବାତ୍ୟା ନେଇ ଖବର ଦେଇଥିଲା। କେଉଁଠି ଓ କେତେବେଳେ ବାତ୍ୟା ମାଡ଼ ହେବ ସେନେଇ ବି ସୂଚନା ଦିଆଯାଇଥିଲା। କେନ୍ଦ୍ରାପଡ଼ାକୁ ରେଡ ଆଲର୍ଟ ଜାରି ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ସର୍ବାଧିକ କ୍ଷତି କରିଥିଲା ଦାନା। ତେଣୁ ଏବେ ପୁଣି ଥରେ ଲଘୁଚାପ ଖବର ଆସୁଥିବାରୁ ଚର୍ଚ୍ଚା ଜୋର। କାରଣ ଭାରତୀୟ ପାଣିପାଗ ବିଭାଗର ଏକ୍ସଟେଣ୍ଡେଡ୍ ରେଞ୍ଜ ଫୋରକାଷ୍ଟରେ, ଏହି କଥା କୁହାଯାଇଛି। ଦକ୍ଷିଣ ବଙ୍ଗୋପସାଗରରେ ଏଭଳି ଏକ ସିଷ୍ଟମ ରୂପ ନେଇପାରେ। ଏବଂ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ପରବର୍ତ୍ତୀ ସମୟରେ ଏହା ଲଘୁଚାପର ରୂପ ନେଇପାରେ ବୋଲି ପରିବର୍ଦ୍ଧିତ ପାଣିପାଗ ଆକଳନରେ କୁହାଯାଇଛି। ବାତ୍ୟା ଦାନା ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କରିବା ପରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ଆକଳନ, ଚିନ୍ତା ବଢ଼ାଇଦେଇଛି।

### ଏ ସରକାର ...

ଚର୍ଚ୍ଚାରେ ସେମାନେ ହେଲେ ଓବିସିସିର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ ରଥ, ଭଞ୍ଜନଗର ଜଳସେଚନ ଡିଭିଜନ ଅତିରିକ୍ତ ଯନ୍ତ୍ରୀ ପ୍ରସନ୍ନ ସ୍ୱାଇଁ, ବାଲେଶ୍ୱର ଜଳସେଚନ ଡିଭିଜନ ସୁପରିଟେଣ୍ଡିଂ ଇଞ୍ଜିନିୟର ପ୍ରଭାସ ପ୍ରଧାନ, ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ସୁନୀଲ ରାଉତ, ବାଲେଶ୍ୱର ଡିଭିଜନ ମୁଖ୍ୟ କନଷ୍ଟ୍ରକ୍ସନ ଯନ୍ତ୍ରୀ ଏନ.ଭି. ହରିହର ରାଓ, ବୈତରଣୀ ବେସିନ ମ୍ୟାନେଜର କୈଳାସ ଚନ୍ଦ୍ର ସାହୁଙ୍କ ସହ ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ। ସେମାନଙ୍କ ସମ୍ପତ୍ତିର ହିସାବନିକାଶ କଲେ ଆଖି ଟେରା ହୋଇଯିବ। ମୋଟ୍ ଉପରେ, ବିଜେଡି ସରକାରରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ପିସି କାରବାରକୁ ଗତ ନିର୍ବାଚନରେ ବଡ଼ ପ୍ରସଙ୍ଗ ବନାଇଥିଲା ବିଜେପି। ଏନେଇ କେନ୍ଦ୍ରମନ୍ତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଯାଏ ବିଭିନ୍ନ ନିର୍ବାଚନୀ ସଭାରେ ବିଜେଡି ସରକାରକୁ କରିଥିଲେ ବାରମ୍ବାର ପ୍ରହାର। ଦୁର୍ନୀତିଖୋରଙ୍କୁ ଦଣ୍ଡଦେବା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ଭିଜିଲାନ୍ସ ଫରେନ୍ସିକ ବିଜ୍ଞାନ ଅନୁଷ୍ଠାନ। ଭିଜିଲାନ୍ସ ବିଭାଗରେ ନିୟୋଜିତ ହେବେ ୮ ଜଣ ଏସପି, ୮ ଜଣ ଅତିରିକ୍ତ ଏସପି, ୨୪ ଜଣ ଡିଏସପି ଓ ୧୬ ଜଣ ଏସଆଇ। ତଦନ୍ତରେ ସହଯୋଗ ଲାଗି ନିୟୋଜିତ ହେବେ ୨୪ ଜଣ ସାଇବର ଏକ୍ସପର୍ଟ, ଚାଟାର୍ଡ ଅକାଉଣ୍ଟାଣ୍ଟ ଓ ବ୍ୟାଙ୍କ ଏକ୍ସପର୍ଟ। ୧୩୫ ମୋଟର ସାଇକେଲ, ୧୬୦ ଡେସ୍କଟପ/ଲ୍ୟାପଟପ ଯୋଗାଇ ଦିଆଯିବ। ଓଡିଶା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ପ୍ରଶ୍ନ ଉଠୁଛି ବିଜେପି ସରକାରର ଦୁନୀତି ବିରୋଧୀ ଅଭିଯାନ କେବଳ ସରକାରୀ ବାବୁମାନଙ୍କ ମଧ୍ୟରେ ସୀମିତ ରହିବ ନା ନେତାମାନଙ୍କର ବି ଦୁର୍ନୀତିର ଚିଠା ବି ଖୋଲିବ ଭିଜିଲାନ୍ସ। ହେଲେ ମୋହନଙ୍କ ପ୍ରତିକ୍ରିୟାକୁ ନେଇ ଏବେ ପୁରା ରାଜ୍ୟରେ ଚର୍ଚ୍ଚା।

### ଆଜି ବି ମନେ ...

ମହାବାତ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦଗତି ପାଇଁ ସାମୁହିକ ଶୋକସଭା, ଅଷ୍ଟପ୍ରହରୀ ନାମଯଜ୍ଞ ଆଦି କରାଯାଉଛି। ଅଢ଼େଇ ଦଶନ୍ଧି ତଳେ ମହାବାତ୍ୟା କେବଳ ଓଡ଼ିଶାର ପ୍ରାକୃତିକ ଚିତ୍ର ପରିବର୍ତ୍ତନ କରିଥିଲା ତାହା ନୁହେଁ, ରାଜ୍ୟର ରାଜନୈତିକ ଦୃଶ୍ୟପଟରେ ବି ଆଣିଥିଲା ବଡ଼ ପରିବର୍ତ୍ତନ। କ୍ଷମତାକୁ ଆସିଲା ବିଜେଡି ସରକାର। କ୍ଷତିଗ୍ରସ୍ତ ଏରସମାବାସିନ୍ଦାଙ୍କୁ ନୂଆ ସରକାର ଦେଲେ ଅନେକ ପ୍ରତିଶ୍ରୁତି। ପକ୍କା ଘର, ଗାଁକୁ ପକ୍କା ରାସ୍ତା, ଜୀବନ ଜୀବିକା ସବୁଥିରେ ହେବ ଉନ୍ନତି। କିନ୍ତୁ ଅଢ଼େଇ ଦଶନ୍ଧି ପରେ ସବୁ ପ୍ରତିଶ୍ରୁତି ପାଲଟିଛି ପ୍ରତାରଣା। ଆଜିବି ଅନେକ ଲୋକ ଭଙ୍ଗା ଦଦରା ଘରେ ଜୀବନ କାଟୁଛନ୍ତି। ଏବେ ବି ଅନେକ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ପରବର୍ତ୍ତୀ ସମୟରେ ନିର୍ମିତ ୫୭ ବାତ୍ୟା ଆଶ୍ରୟ ସ୍ଥଳୀ ମଧ୍ୟରୁ ୫୨ଟି ବାତ୍ୟା ଆଶ୍ରୟସ୍ଥଳୀ ଏବେ ବିପଦ ସଂକୁଳ ଅବସ୍ଥାରେ। ତେଣୁ ବାତ୍ୟା ନାଁ ଶୁଣିଲେ ଏବେ ବି ଲୋକଙ୍କ ଭିତରେ ଛନକା। ପୁଣି ସେଭଳି ବିପର୍ଯ୍ୟୟ ଆସିଲେ ପୁଣି ସେଭଳି ବିନାଶର ଆଶଙ୍କା କରୁଛନ୍ତି। ମହାବାତ୍ୟାରେ ସର୍ବସ୍ୱ ହରାଇଥିବା ଲୋକଙ୍କ ଏ କ୍ଷତ ତ ଅପୂରଣୀୟ। କିନ୍ତୁ ସେମାନଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ୨୪ ବର୍ଷର ବିଜେଡି ସରକାର ଦ୍ୱାରା ପ୍ରତାରିତ କରିଥିବା ଏସରମା ବାସୀ ନୂଆ ବିଜେପି ସରକାରଠାରୁ ରଖିଛନ୍ତି ଅନେକ ଆଶା।

### ୨୦୩୬ରେ ...

ଦସ୍ତାବିଜ ହେବ ଯାହା ଜନସାଧାରଣଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ। ସେ ନିଜେ, ତାଙ୍କର ସହଯୋଗୀ ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଗଣ ମଧ୍ୟ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା କରି ସମୃଦ୍ଧ ଓଡିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରିବେ। ଆମେ ସମସ୍ତେ ମିଳିମିଶି ଏପରି ଏକ ଓଡିଶା ଗଠନ କରିବୁ, ଯାହା ଅର୍ଥନୈତିକ ଭାବେ ସମୃଦ୍ଧ ହେବ ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବ। ମାନବ ବିକାଶ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ। ଆମ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି ଏବଂ ହୋଇଚାଲିବ। ୨୦୩୬ ଓ ୨୦୪୭ର ଓଡିଶା, ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ ବୋଲି ସେ କହିଛନ୍ତି। ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ସମାଜର ବିଶିଷ୍ଟ ନାଗରିକ, ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ସାଧାରଣ ଜନତା ମତାମତ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି। ୨୦୪୭ ମସିହାରେ ଭାରତ ବର୍ଷ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ୨୦୩୬ ସୁଦ୍ଧା ଓଡିଶା ଏକ ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖାଯାଇଛି। ଏହା ସହିତ ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିଅନ୍ ଅର୍ଥନୀତି ହେବାର ଲକ୍ଷ୍ୟ ମଧ୍ୟ ରଖିଛୁ ବୋଲି ଶ୍ରୀ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ, ବିଶ୍ୱଗୁରୁ ହେବାର ରାସ୍ତାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି ବୋଲି ସେ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁଥିବା ଆମ ସରକାର ଲୋକଙ୍କ ସରକାର ଭାବରେ ପରିଚୟ ହାସଲ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ରୂପରେଖକୁ ଆମେ ପ୍ରତିଦିନ ଅନୁଭବ କରୁଛୁ। ଲୋକଙ୍କ ସରକାର ସମୃଦ୍ଧ ଓଡିଶା ଗଠନ ପାଇଁ ଲୋକଙ୍କୁ ଅଂଶୀଦାର କରି ଆଗକୁ ବଢିବ।

# ଏବିସିଡି ଚାରିଟେବଲ ଟ୍ରଷ୍ଟର ନୂଆଖାଇ ଭେଟଘାଟ



**ସମ୍ବଲପୁର :** ଏବିସିଡି ଚାରିଟେବଲ ଟ୍ରଷ୍ଟ ତରଫରୁ ନୂଆଖାଇ ଭେଟଘାଟ-୨୦୨୪ ଓ ୮ତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ହେଇଯାଇଛି। ତାପସ୍ୱାନି ହଲ ଠାରେ ମଞ୍ଚାସୀନ ଅତିଥି ଭକ୍ତ ପ୍ରସାଦ ନନ୍ଦ, ସମାଜସେବୀ ରାମଦାସ ପଣ୍ଡା, ସୁଧୀର ବହିଦାର, ଉମା ଶଙ୍କର ପତି, ସଚିଦାନନଦ ମିଶ୍ର, ଶୁଭମୟୀ ମିଶ୍ର, ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ଶତନାମୀ ସ୍ୱାଗତ ଭାଷଣ ରଖିଥିବା ବେଳେ ଟ୍ରଷ୍ଟ ଶିକ୍ଷକ ସୁନୀଲ ସାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସମାଜସେବୀ ସଂଗଠନ ଓ ସମାଜସେବୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ସହରର ବିଭିନ୍ନ ସ୍କୁଲରୁ ଛାତ୍ରଛାତ୍ରୀ ମାନେ ନୃତ୍ୟ କରିଥିଲେ। ପୂର୍ବରୁ କରାଯାଇଥିବା ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସମ୍ମାନିତ ଅଥିତି ରୂପେ ଡ. ଦେବାଶିଷ ପ୍ରଧାନ, ନିହଲା ସିଂହ, କାର୍ତିକ ବହିଦାର, ରୋମିଆ ଚନ୍ଦ୍ର ସାହୁ, ପୃଷ୍ଟି ସାର, ଟ୍ରଷ୍ଟ ସଦସ୍ୟ ମୁକେଶ ମେହେର, ପରକ୍ଷିତ ମେହେର, ଅଜୟ କୁମାର ସାହୁ, ଶିବାଶିଷ ନନ୍ଦ, ଓମ ପ୍ରକାଶ ବେହେରା ସହଯୋଗ କରିଥିଲେ।

# ଓୟୁଡବ୍ଲୁଜେର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



**ଭୁବନେଶ୍ୱର :** ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ପକ୍ଷରୁ ଆସନ୍ତା ନଭେମ୍ବର ୧୬ ତାରିଖ ପ୍ରେସ ଦିବସ ଅବସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟଙ୍କପାଣି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ଉପସଭାପତି ପ୍ରେମାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ପ୍ରମୋଦ ପରିଡ଼ା, ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡା, ପ୍ରିୟବ୍ରତ ମୁଦୁଲିଙ୍କ ସହ ବିଭିନ୍ନ ଜିଲ୍ଲାରୁ ଜିଲ୍ଲା ସଭାପତି ଯୋଗ ଦେଇଥିଲେ। ଜାତୀୟ ପ୍ରେସ ଦିବସ ପାଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିବା ବେଳେ ସଂଘ ବିରୋଧୀ ଓ ଦୀର୍ଘ ଦିନର କ୍ରମାଗତ ଅନୁପସ୍ଥିତ ଯୋଗୁଁ ସର୍ବ ସମ୍ମତି କ୍ରମେ ଉପସଭାପତି ପ୍ରଶାନ୍ତ କରଙ୍କୁ ସଂଘରୁ ବହିଷ୍କାର କରାଯାଇଥିଲା। ଆସନ୍ତା ୧୬ ତାରିଖରେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପ୍ରେସ ଦିବସ ହୋଟେଲ କେଶରୀ ମ୍ୟାଷ୍ଟର କ୍ୟାଣ୍ଟିନ ଠାରେ ଆୟୋଜନ କରାଯିବା ସହ ଓଡ଼ିଶାର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହିବେ ବୋଲି ସହମତି ପ୍ରକାଶ କରିଛନ୍ତି ବୋଲି ପ୍ରେସ ଇସ୍ତାହାରରେ ଓୟୁଡବ୍ଲୁଜେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଓ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କ ସହ ବରିଷ୍ଟ ନାଗରିକ ବୃନ୍ଦଙ୍କ ସହଯୋଗ ରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରିଥିଲେ। ଶପଥ ପାଠରେ ମୁଁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସତ୍ୟନିଷ୍ଠ ଶପଥ ନେଉଛି କି ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବି ଏବଂ ଆମର ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରଚାର କରିବା ପାଇଁ ସମ୍ପୂର୍ଣ୍ଣ ପ୍ରୟାସ କରିବି। ମୁଁ ଏହି ଶପଥ ମୋର ଦେଶର ଏକତାର ଭାବନାରୁ ନେଉଛି, ଯାହାକି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦୂରଦର୍ଶିତା ଏବଂ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇପାରିଥିଲା। ମୁଁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ କରିବା ପାଇଁ ନିଜର ଯୋଗଦାନ ଲାଗି ମଧ୍ୟ ସତ୍ୟ ନିଷ୍ଠା ସହିତ ସଂକଳ୍ପ କରୁଛି। ଏହି ଶପଥ ଥାନା ଆଗରେ କରି ସାରିବା ପରେ ଥାନା ଅଧିକାରୀଙ୍କ ସହ ବରିଷ୍ଠ ନାଗରିକ ବୃନ୍ଦ ଥାନା ଗୃହରେ ସମବେତ ହୋଇ ବସି ରାଷ୍ଟ୍ରୀୟ ଏକତା ସମ୍ବନ୍ଧୀୟ କଥୋପକଥନ କରିଥିବା ବେଳେ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ଶପଥ ପାଠ ଉପରେ ଆଲୋଚନା ରଖିଥିଲେ। ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ରବି ନାରାୟଣ ମହାନ୍ତି, ହରେନ୍ଦ୍ର ନାଥ ଜେନା, ପରେଶ ନାଥ ଚକ୍ରବର୍ତ୍ତୀ, ସେନାପତି ବେହେରା, ମୁରଲୀଧର ଡାକୁଆ, ଶ୍ୟାମ ସୁନ୍ଦର ମହାନ୍ତି, ଗଗନ ମହାନ୍ତି, ଟି ମୁରଲୀ ରାଓ, ଏ ବାଲରାଜୁ ଓ ସୀମାଞ୍ଚଳ ଦାସ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୋଣାର୍କରେ ମା' କାଳୀଙ୍କ ପୂଜା



**କୋଣାର୍କ :** କୋଣାର୍କସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ଗତ ୨୮ରୁ ୩୧ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ମା' ଶ୍ୟାମାକାଳୀଙ୍କ ପୂଜା ରିତୀନୀତି ଅନୁଯାୟୀ ନିଶାର୍ଦ୍ଧ ପୂଜାର୍ଚ୍ଚନା, ଚଣ୍ଡୀ ପାଠ ଓ ହୋମଯଜ୍ଞ ମହା ସମାରୋହରେ ପାଳିତ ହେଉଛି। ବିଗତ ୪୧ ବର୍ଷ ଧରି କୋଣାର୍କ କାଳୀପୂଜା କମିଟି ପକ୍ଷରୁ କୋଣାର୍କ ମେଡ଼ିକାଲ ଛକସ୍ଥିତ ମା' ଦକ୍ଷିଣକାଳୀଙ୍କ ପୀଠରେ ମା'ଙ୍କ ପୂଜା କରାଯାଇ ଆସୁଅଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କ ପୀଠକୁ ଆଲୋକରେ ସୁସଜିତ କରାଯାଇଛି। ମାଧିପୁର ଗ୍ରାମର ପୂଜକ ଆଲୋକ ପାଢୀଙ୍କ ଦ୍ୱରା ମା' କାଳୀଙ୍କ ସମସ୍ତ ପୂଜାନୀତି ଚଣ୍ଡୀପାଠ, ନିଶାର୍ଦ୍ଧପୂଜାର୍ଚ୍ଚନା କରାଯାଉଥିବା ବେଳେ ସୂର୍ଯ୍ୟନାରାୟଣ ଓ ରବିନାରାୟଣ ସହଯୋଗ କରୁଛନ୍ତି। କୋଣାର୍କ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକମାନେ ମଧ୍ୟ ଏହି କାଳୀମନ୍ଦିରରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଆୟୋଜକ କୋଣାର୍କ କାଳୀପୂଜା କମିଟର ସଭାପତି ଦୁଃଶାସନ ନାୟକ, ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମାହାପାତ୍ର ଓ ନୃଶିଂହ ନାୟକ, ସଂପାଦକ ସୁଶାନ୍ତା ବେଉରା, କୋଷାଧକ୍ଷ ନିହାର ରଞ୍ଜନ ବେଉରା ସଭ୍ୟ ରମେଶ ଜେନାଙ୍କ ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟାରେ ମା'ଙ୍କ ପୂଜାନିତୀ ପରିଚାଳନା କରାଯାଇଛି । ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ୩୧ତାରିଖରେ ମଧ୍ୟାହ୍ନରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯିବା । ଏତଦବ୍ୟତିତ କାଳୀ ପୂଜା ଅବସରରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମଧ୍ୟ ନୂତନ ଖାତା ପୂଜା ଅନୁଷ୍ଠିତ ହେଉଛି। ଆଲୋକର ପର୍ବ ଦୀପାବଳୀ ଉତ୍ସବକୁ ପାଳନ କରିବା ପାଇଁ ଏଠାରେ ଥିବା ସରକାରୀ, ବେସରକାରୀ କୋଠା ଏବଂ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନଗୁଡିକ ଆଲୋକରେ ସୁସଜିତ ହୋଉଛି। ଶ୍ରଦ୍ଧାଳୁମାନେ ଶାନ୍ତି ସୃଙ୍ଖଳାର ସହ ଶ୍ୟାମାକାଳୀଙ୍କୁ ପୂଜାଅର୍ଚ୍ଚନା କରିବା ସହ ମା'ଙ୍କ ଆର୍ଶିବାଦ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

# ରାୟଗଡ଼ ଦୁର୍ଗ

# ଛତ୍ରପତି ଶିବାଜୀ ମହାରାଜଙ୍କ ଦ୍ୱାରା ବିକଶିତ ମରାଠା ସାମ୍ରାଜ୍ୟର ରାଜଧାନୀ




*ଦକ୍ଷିନ କି ଏ ପାବନ ମିଟ୍ଟି।*
*ଛତ୍ରପତି କେ ଚରଣ ଧୂଲ୍ କି।।*
*ଶର ଝୁକତା ହେ ରାୟଗଡ ପର।*
*ରାଜଧାନୀ ଯହେ ସ୍ୱରାଜ କି।।*

'ଭାରତର ମରାଠା ସାମରିକ ପରିଦୃଶ୍ୟ' ଶୀର୍ଷକରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ପାଇଁ ମନୋନୀତ ହୋଇଥିବା ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ର ଦୁର୍ଗ ଅନ୍ୟତମ। ମନୋନୀତ ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ ହେଉଛି ମରାଠା ସ୍ଥାପତ୍ୟର ଉତ୍କୃଷ୍ଟ ଉଦାହରଣ ଏବଂ ପାହାଡ଼ ଉପରେ ନିର୍ମିତ ରାଜଧାନୀ ଦୁର୍ଗର ସର୍ବୋତ୍ତମ ପ୍ରତିନିଧିତ୍ୱ। ଗୁଜୁରାଟର କେଭାଡିଆରେ ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନର ପୃଷ୍ଠଭୂମି ହେଉଛି ରାୟଗଡ଼ ଦୁର୍ଗ। ଛତ୍ରପତି ଶିବାଜୀ ମହାରାଜଙ୍କ ଅବିଶ୍ୱସନୀୟ ବୀରତ୍ୱ, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଅଭିନବ ଯୁଦ୍ଧ କୌଶଳର କାହାଣୀକୁ ପ୍ରଦର୍ଶିତ କରିବା ପାଇଁ କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ ସ୍ଥଳରେ ରାୟଗଡ଼ ଦୁର୍ଗର ଏକ ପ୍ରତିକୃତି ପ୍ରସ୍ତୁତ କରାଯାଇଛି। ବ୍ରିଟିଶ ଐତିହାସିକ ଗ୍ରାଣ୍ଟ ଡଫ୍ ରାୟଗଡ଼ ଏବଂ ଜିବ୍ରାଲ୍ଟର ରକ୍ ମଧ୍ୟରେ ସମାନତା ଆଙ୍କିଥିବା ବେଳେ ରାୟଗଡ଼କୁ ପୂର୍ବର ଜିବ୍ରାଲ୍ଟର ବୋଲି ଆଖ୍ୟା ଦେଇଥିଲେ।

***ଦୁର୍ଗରାଜ ରାୟଗଡ :*** ମହାରାଷ୍ଟ୍ରର ଉପତ୍ୟକା ଉପରେ ଅବସ୍ଥିତ ରାୟଗଡ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜତ୍ୱର ପ୍ରତିଫଳନ ଦେଖିବାକୁ ମିଳୁଛି। ଏକଦା ତାଙ୍କର ସମୃଦ୍ଧ ମରାଠା ସାମ୍ରାଜ୍ୟର ରାଜଧାନୀ ଥିବା ଏହି ପାହାଡ଼ିଆ ଗଡ଼ ସାହସିକତା, ଅଭିନବତା ଏବଂ ବୀରତ୍ୱର କାହାଣୀ ବହନ କରୁଛି। ରାୟଗଡର ପ୍ରତ୍ୟେକ ପଥର ଶିବାଜୀ ମହାରାଜଙ୍କ ଅଦ୍ଭୁତ ସାହସ, ଦୂରଦୃଷ୍ଟି ଓ କୌଶଳର ପ୍ରତିଫଳନ, ଯାହାଙ୍କ ନେତୃତ୍ୱ ଏହି ଦୁର୍ଗକୁ ଶକ୍ତିର ପ୍ରତୀକରେ ପରିଣତ କରିଥିଲା। ଆଜି ଏହା ଏକ ସାମ୍ରାଜ୍ୟର ଇତିହାସକୁ ଆକାର ଦେଇଥିବା ଅସାଧାରଣ କାର୍ଯ୍ୟଗୁଡ଼ିକୁ ପିଢ଼ି ପରେ ପିଢ଼ିକୁ ମନେ ପକାଇ ଦେଉଛି।

ଛତ୍ରପତି ଶିବାଜୀ ମହାରାଜ କିପରି ମରାଠା ସାମ୍ରାଜ୍ୟର ରାଜଧାନୀ ଭାବରେ ରାୟଗଡ ଦୁର୍ଗକୁ ଚୟନ କରିଥିଲେ ତାହା 'ସଭାସାଦ ବଖାର' (ପ୍ରାଚୀନ ଚିଠି) ପ୍ରତିଫଳିତ କରେ। ଏଥିରେ ଉଲ୍ଲେଖ ରହିଛି, 'ଛତ୍ରପତି ଶିବାଜୀ ମହାରାଜ ଏହି ପାହାଡ଼ ବା ରାଇରିର ସାମର୍ଥ୍ୟକୁ ଦେଖିଥିଲେ, ଯେଉଁଠାରେ ତୀଖ ପାହାଡ଼ ରହିଛି ଏବଂ ଏହା ଏହି ଅଞ୍ଚଳର ସମସ୍ତ ପର୍ବତ ଏବଂ ପାହାଡ଼ ମଧ୍ୟରୁ ସବୁଠାରୁ ଉଚ୍ଚ। ପଥରର ନିରବଚ୍ଛିନ୍ନ ଏବଂ ଅଖଣ୍ଡ ପ୍ରକୃତି ଏକ ବଡ଼ ସମ୍ଭାବନା ଥିଲା। ଦୌଲତାବାଦର ଦୁର୍ଗ ମଧ୍ୟ ଏକ ଭଲ ଦୁର୍ଗ, କିନ୍ତୁ ଏହା ରାୟଗଡ ଭଳି ଭଲ ନୁହେଁ, ଯେତିକି ଉଚ୍ଚ ଏବଂ ଉତ୍ତମ, ତେଣୁ ରାଜାଙ୍କ ପାଇଁ ରାଜଧାନୀ ଏବଂ ସିଂହାସନ ଭଳି ଅଧିକ ଉପଯୁକ୍ତ ହେବ।

କଲ ଏବଂ ଗାନ୍ଧାରୀ ନଦୀ ଉପତ୍ୟକା ଦ୍ୱାରା ଘେରି ରହିଥିବା ରାୟଗଡ ପଡ଼ୋଶୀ ପାହାଡ ସହିତ ସଂଯୋଗ ବିହୀନ ଏକ ବିଚ୍ଛିନ୍ନ ପର୍ବତର ଶୃଙ୍ଗ ଭାବରେ ଠିଆ ହୋଇଛି। ଏହାର ଅଦମ୍ୟ ପ୍ରକୃତି, ଯେଉଁଥିରେ ତୀଖ ପାହାଡ଼ ଏବଂ ୧୫୦୦ ଫୁଟ ଉଚ୍ଚତା ବିଶିଷ୍ଟ ତୀଖ ଭଳି ଭୌତିକ ବୈଶିଷ୍ଟ୍ୟ ରହିଛି, ଅଭିନବ ସାମରିକ ପ୍ରତିରକ୍ଷା କୌଶଳ ଦ୍ୱାରା ଦର୍ଶାଯାଇଛି।

ମରାଠା ଯୁଗର ବ୍ରିଟିଶ ଐତିହାସିକ ଗ୍ରାଣ୍ଟ ଡଫ୍ ରାୟଗଡ ଏବଂ ଜିବ୍ରାଲଟର ରକ୍ ମଧ୍ୟରେ ସାମଞ୍ଜସ୍ୟ ରଖିଛନ୍ତି। ସେ ରାୟଗଡକୁ ପୂର୍ବର ଜିବ୍ରାଲଟର ବୋଲି ଆଖ୍ୟା ଦେବା ପର୍ଯ୍ୟନ୍ତ ଯାଇଛନ୍ତି।

'ଭାରତର ମରାଠା ସାମରିକ ଦୃଶ୍ୟ' ଶୀର୍ଷକରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ପାଇଁ ମନୋନୀତ ହୋଇଥିବା ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ର ଦୁର୍ଗ ଅନ୍ତର୍ଭୁକ୍ତ। ମନୋନୀତ ୧୨ଟି ଦୁର୍ଗ ମଧ୍ୟରୁ ରାୟଗଡ଼ ହେଉଛି ମରାଠା ସ୍ଥାପତ୍ୟର ଉତ୍କୃଷ୍ଟ ଉଦାହରଣ ଏବଂ ଏକ ପାହାଡ଼ ଉପରେ ରାଜଧାନୀ ଦୁର୍ଗର ସର୍ବୋତ୍ତମ ପ୍ରତିନିଧିତ୍ୱ, ଯାହା କିଲ୍ଲା ଭିତରେ ଥିବା ସବୁଠାରୁ ବିକଶିତ ଢାଞ୍ଚା ସହିତ ପାହାଡ଼ର ଭୌତିକ ବିଜ୍ଞାନ ସହିତ ଭଲ ଭାବରେ ସମନ୍ୱିତ।

ଗୁଜୁରାଟର କେଭାଡିଆରେ ଚଳିତ ବର୍ଷର ରାଷ୍ଟ୍ରୀୟ ଏକତା ଦିବସ ପାଳନର ପୃଷ୍ଠଭୂମିର ବିଷୟବସ୍ତୁ ହେଉଛି ରାୟଗଡ଼ ଦୁର୍ଗ। ଛତ୍ରପତି ଶିବାଜୀ ମହାରାଜଙ୍କ ଅବିଶ୍ୱସନୀୟ ବୀରତ୍ୱ, ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ଅଭିନବ ଯୁଦ୍ଧ କୌଶଳର କାହାଣୀକୁ ପ୍ରଦର୍ଶିତ କରିବା ପାଇଁ କେଭାଡିଆରେ ରାଷ୍ଟ୍ରୀୟ ଏକତା ଦିବସ ପରେଡ ସ୍ଥଳରେ ରାୟଗଡ଼ ଦୁର୍ଗର ଏକ ପ୍ରତିକୃତି ପ୍ରସ୍ତୁତ କରାଯାଇଛି।

***ରାୟଗଡ ଦୁର୍ଗର ଇତିହାସ :*** ୧୬୫୩ ଖ୍ରୀଷ୍ଟାବ୍ଦରେ ରାୟଗଡ (ସେତେବେଳେ ରାଇରି ନାମରେ ପରିଚିତ)କୁ ମରାଠା ସେନା ମୋରେସ୍ କବଳରୁ ଦଖଲ କରିଥିଲା। ଏହି ଦୁର୍ଗକୁ ରାଜଧାନୀ କରିବା ପାଇଁ ଶିବାଜୀ ମହାରାଜ ଏହି ଦୁର୍ଗର ପୁନଃନିର୍ମାଣ କାର୍ଯ୍ୟ ହିରୋଜି ଇନ୍ଦୁଲକରଙ୍କୁ ଦେଇଥିଲେ। ୧୬୭୪ ମସିହା ଜୁନ୍ ୬ ତାରିଖରେ ଶିବାଜୀ ମହାରାଜଙ୍କ ରାୟଗଡ ପୋଷ୍ଟରେ ଏକ ଭବ୍ୟ ରାଜ୍ୟାଭିଷେକ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସେ 'ଛତ୍ରପତି' ଉପାଧି ଲାଭ କରିଥିଲେ। ଏହି ଦୁର୍ଗ ଛତ୍ରପତି ଶିବାଜୀ ମହାରାଜଙ୍କ ଦ୍ୱିତୀୟ ରାଜଧାନୀ ଭାବରେ କାର୍ଯ୍ୟ କରିଥିଲା ଏବଂ ମରାଠା ରାଜ୍ୟର ପ୍ରଶାସନ ଏବଂ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲ।

ରାୟଗଡ ଦୁର୍ଗ ମହାରାଷ୍ଟ୍ରର ଗୌରବମୟ ଅତୀତର ନୀରବ ସ୍ମୃତି ଭାବରେ ଠିଆ ହୋଇଛି ଏବଂ ଏହା ଦୁର୍ଗରାଜ (ଦୁର୍ଗର ରାଜା) ଭାବରେ ପରିଚିତ। ବିଭିନ୍ନ ସ୍ଥାନରେ ଏହାକୁ 'ଶିବ ତୀର୍ଥ'ର ବିଶ୍ୱାସ ଦିଆଯାଇଛି। ଏହି ଦୁର୍ଗ ଶିବଭକ୍ତମାନଙ୍କ ପାଇଁ ଏକ ପବିତ୍ର ପୀଠର ମାନ୍ୟତା ଲାଭ କରିଛି କାରଣ ହଜାର ହଜାର ଲୋକ କେବଳ ଏହାର ଐତିହ୍ୟ ଚରିତ୍ର ପାଇଁ ଏବଂ ଏହା ଏକ ଉପଯୁକ୍ତ ପ୍ରତିରକ୍ଷା ସ୍ଥାପତ୍ୟର ନମୁନା ନୁହେଁ ବରଂ ସେମାନଙ୍କର ଆଦର୍ଶ ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ଥାନ ହେବା ପାଇଁ ମଧ ଭିଡ଼ ଜମାଇଛନ୍ତି, ଯିଏ କି ବୀରତା, ସାହସ, ଉଦାରତା ଏବଂ ଦେଶଭକ୍ତି, ପ୍ରଶାସନିକ ଦକ୍ଷତା ପାଇଁ ଜଣାଶୁଣା। ଖ୍ରୀଷ୍ଟିଆନ ଏବଂ ହିନ୍ଦୁ କ୍ୟାଲେଣ୍ଡର ଆଧାରରେ ଶିବରାଜଭିଷେକଙ୍କ ବାର୍ଷିକୀ ବହୁତ ଉତ୍ସାହର ସହ ପାଳନ କରାଯାଏ ଯାହା ମହାରାଷ୍ଟ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରବଳ ଜନସମାଗମକୁ ଆକର୍ଷିତ କରେ। ସେହିପରି ଶିବାଜୀ ମହାରାଜଙ୍କ ଶ୍ରାଦ୍ଧ ବାର୍ଷିକୀକୁ ମଧ୍ୟ ଅତି ଶ୍ରଦ୍ଧାର ସହ ପାଳନ କରାଯାଏ।

ଏଠାରେ ଶିବାଜୀ ମହାରାଜ ସପ୍ତଦଶ ଶତାବ୍ଦୀରେ (୧୬୭୪ ଖ୍ରୀଷ୍ଟାବ୍ଦ) ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ। ଶିବାଜୀ ମହାରାଜ ୧୬୫୬ ଖ୍ରୀଷ୍ଟାବ୍ଦରେ ଚନ୍ଦ୍ରରାଓ ମୋରେଙ୍କଠାରୁ ଏହି ଦୁର୍ଗକୁ ଅକ୍ତିଆର କରିଥିଲେ। ଏହାର ରଣନୈତିକ ଅବସ୍ଥିତି ଏବଂ ଅପହଞ୍ଚତାକୁ ଦୃଷ୍ଟିରେ ରଖି ଏହାକୁ ହିନ୍ଦବୀ ସ୍ୱରାଜର ରାଜଧାନୀ ପାଇଁ ସବୁଠାରୁ ଉପଯୁକ୍ତ ବୋଲି ବିବେଚନା କରାଗଲା। ପାହାଡ଼ର ଗୋଟିଏ ପାର୍ଶ୍ୱରୁ ହିଁ ପାହାଡ଼ ଉପରକୁ ପ୍ରବେଶ କରାଯାଇପାରିବ। ଶିବାଜୀ ମହାରାଜ ୧୬୮୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ପର୍ଯ୍ୟନ୍ତ ୬ ବର୍ଷ ଧରି ରାୟଗଡ଼ ଦୁର୍ଗରୁ ହିନ୍ଦବୀ ସ୍ୱରାଜ ଶାସନ କରିଥିଲେ। ରାୟଗଡ ଦୁର୍ଗରେ ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି ରହିଛି।

ରାୟଗଡ଼ ଦୁର୍ଗ ଚମତ୍କାର ଭାବରେ ଡିଜାଇନ୍ କରାଯାଇଥିବା ଗେଟ୍, ଦୁର୍ଗୀକରଣ କାନ୍ଥ ଏବଂ ଆକର୍ଷଣୀୟ ସ୍ମାରକୀ ପାଇଁ ଉଲ୍ଲେଖନୀୟ ଅଟେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଶିବାଜୀ ମହାରାଜଙ୍କ ସମାଧି ବ୍ୟତୀତ ନକ୍କର ଖାନା, ସିରକାଇ ଦେବୀ ମନ୍ଦିର, ଜଗଦୀଶେଶ୍ୱର ମନ୍ଦିର - ଭଗବାନ ଶିବଙ୍କୁ ସମର୍ପିତ ଏକ ମନ୍ଦିର - ଦୁର୍ଗ ମଧ୍ୟରେ ଅବସ୍ଥିତ ଅଧିକାଂଶ ନିର୍ମାଣ, ଯେଉଁଥିରେ ହଲ୍ ଅଫ୍ ପବ୍ଲିକ୍ ଅଡିୟନ୍ସ (ରାଜସଦର), ରୟାଲ କମ୍ପ୍ଲେକ୍ସ, ରାଣୀଙ୍କ ମହଲ (ରାଣୀଭାସ), ବଜାରପେଠ, ମନୋର (ଆନନ୍ଦ ମଣ୍ଡପ), ୱାଡେଶ୍ୱର ମନ୍ଦିର, ଖୁବଲଦା ବୁର୍ଜ, ମାସିଦ ମୋର୍ଚ୍ଚା, ନାନେ ଦରୱାଜା ଆଦି ସଂରକ୍ଷଣ ଅବସ୍ଥା ଖରାପ ରହିଛି।

***ରାଜକୀୟ ସୌଧ :*** ରାଣୀବାସା, ରାଜସଦର, ନକ୍କରଖାନା, ମେନା ଦରୱାଜା ଏବଂ ପାଲଖୀ ଦରୱାଜାକୁ ନେଇ ଗଠିତ ରୟାଲ କମ୍ପ୍ଲେକ୍ସ କେବଳ ତିନୋଟି ପ୍ରବେଶ ପଥ ମାଧ୍ୟମରେ ସୁରକ୍ଷିତ ଏବଂ ଉପଲବ୍ଧ: ନକ୍କରଖାନା, ମେନା ଦରୱାଜା ଏବଂ ପାଲଖୀ ଦରୱାଜା। ଏହି ଫର୍ଟିଫାଇଡ୍ କମ୍ପ୍ଲେକ୍ସକୁ ସାଧାରଣତଃ ବାଲେ କିଲ୍ଲା (ଦୁର୍ଗ) ବୋଲି କୁହାଯାଏ। ବାଲେ କିଲ୍ଲା ନିକଟରେ ତିନୋଟି ସୁନ୍ଦର ଟାୱାର ରହିଛି। ଗୋଟିଏ ଉତ୍ତରରେ ଅବସ୍ଥିତ ହୋଇଥିବା ବେଳେ ଅନ୍ୟ ଦୁଇଟି ଦୁର୍ଗ କାନ୍ଥର ପୂର୍ବ ଦିଗରେ ଅବସ୍ଥିତ। ତିନି ମହଲା ବିଶିଷ୍ଟ ଟାୱାର (ମନୋର) ଡିଜାଇନରେ ଅତ୍ୟଧିକ ଅଳଙ୍କାରଯୁକ୍ତ ଏବଂ ମୂଳତଃ ଆନନ୍ଦ ମଣ୍ଡପ ଭାବରେ କାର୍ଯ୍ୟ କରୁଥିବା ଜଣାପଡିଛି। ଉପଯୁକ୍ତ ଡ୍ରେନେଜ୍ ସହ ସଂଯୁକ୍ତ ଶୌଚାଳୟ ଉଲ୍ଲେଖନୀୟ। ପୂର୍ବ ଦିଗରେ ଏକ ଭୂତଳ ସେଲର (ଖାଲବତ ଖାନା) ଅବସ୍ଥିତ, ଯାହା ସମ୍ଭବତଃ ଗୁପ୍ତ ସଭା, ବ୍ୟକ୍ତିଗତ ପୂଜା ଏବଂ ଏକ କୋଷାଗାର ଭାବରେ ବ୍ୟବହୃତ ହେଉଥିଲା।

***ରାଜସଦର (ହଲ୍ ଅଫ୍ ପବ୍ଲିକ୍ ଅଡିୟନ୍ସ):*** ଏଠାରେ ଶିବାଜୀ ମହାରାଜ ନିତିଦିନିଆ ମାମଲାରେ ନ୍ୟାୟ ପ୍ରଦାନ କରିବା ଏବଂ ବିଶିଷ୍ଟ ବ୍ୟକ୍ତି ଓ ଦୂତମାନଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କ ଦରବାର (ଦରବାର) ଆୟୋଜନ କରୁଥିଲେ। ଏହା ପୂର୍ବ ଦିଗରେ ଥିବା ଏକ ଆୟତାକାର ଢାଞ୍ଚା। ଏହାକୁ ପୂର୍ବ ଦିଗରୁ ଏକ ଭବ୍ୟ ପ୍ରବେଶ ଦ୍ୱାର ଦେଇ ଆଗେଇ ନିଆଯାଇପାରେ ଯାହାକୁ ସାଧାରଣତଃ ନକରଖାନା କୁହାଯାଏ। ପ୍ରବେଶ ଦ୍ୱାର ହେଉଛି ରାଜ ସିଂହାସନ ସମ୍ମୁଖରେ ଥିବା ଏକ ଉଚ୍ଚ ତିନି ମହଲା ବିଶିଷ୍ଟ ଢାଞ୍ଚା। ଉପର ମହଲା ଇଟାରେ ନିର୍ମିତ ହୋଇଥିବା ବେଳେ ତଳ ମହଲା ପଥର ଖଣ୍ଡରେ ନିର୍ମିତ ହୋଇଛି। ବିଶ୍ୱାସ କରାଯାଏ ଯେ ନକ୍କରଖାନାରେ ଏକ ରାଜକୀୟ ବ୍ୟାଣ୍ଡ ବଜାଉଥିଲା। ଏହା ଆଶ୍ଚର୍ଯ୍ୟଜନକ ଶବ୍ଦୀୟ ଗୁଣ ଥିବା ସ୍ଥାପତ୍ୟର ଏକ ଉତ୍କୃଷ୍ଟ ଉଦାହରଣ। ନକରଖାନା ଓ ରାଜ ସିଂହାସନ ମଧ୍ୟରେ ଦୂରତା ପ୍ରାୟ ୬୫ ମିଟର, ତଥାପି ସାମାନ୍ୟତମ ଚିତ୍କାର ମଧ୍ୟ ଉଭୟ ପାର୍ଶ୍ୱରୁ ସ୍ପଷ୍ଟ ଭାବରେ ଶୁଣିବାକୁ ମିଳେ। ଶିବାଜୀ ମହାରାଜଙ୍କ ସୁଖ, ଦୁଃଖ, କ୍ରୋଧ, ବିଜୟ, ପ୍ରଶାସନିକ ଜ୍ଞାନ ଓ ଅତ୍ୟଧିକ ଉଦାରତାର ମୂକ ସାକ୍ଷୀ ହେଉଛନ୍ତି ରାଜସଦର।

ମୁଖ୍ୟ ପ୍ଲାଟଫର୍ମରେ ସିଂହାସନର ମୂଳ ସ୍ଥାନ ଉପରେ ଛତ୍ରପତି ଶିବାଜୀ ମହାରାଜଙ୍କ ଏକ ପ୍ରତିମୂର୍ତ୍ତି ସହିତ ଏକ ଅଷ୍ଟକୋଣୀୟ ମେଘଦାମ୍ବରୀ (ଅଳଙ୍କାର ଛାତ) ରହିଛି। ହୀରା ଓ ସୁନାରେ ଭର୍ତ୍ତି ରାଜ ସିଂହାସନ ପ୍ରାୟ ୧୦ କିଲୋଗ୍ରାମ ଓଜନର ୮ ସ୍ତମ୍ଭ ସୁନା ଉପରେ ରହିଥିଲା ବୋଲି ରେକର୍ଡ କରାଯାଇଛି। ଏଥିରେ ଶିବାଜୀ ମହାରାଜଙ୍କ ରାଜକୀୟ ଚିହ୍ନ ମଧ୍ୟ ରହିଥିଲା। ସିଂହାସନ ଉପରେ ଥିବା ଛତା ମୂଲ୍ୟବାନ ପଥର ଏବଂ ମୋତିର ତାରରେ ସଜ୍ଜିତ ଥିଲା।

***ହୋଲିଚା ମଲ:*** ଏହା ନକରଖାନା ବାହାରେ ଅବସ୍ଥିତ। ଏହା ଏକ ବିସ୍ତୃତ ଖୋଲା ପଡ଼ିଆ ଯାହା ବାର୍ଷିକ ହୋଲି ପର୍ବ ପାଇଁ ବ୍ୟବହୃତ ହେଉଥିଲା। ହୋଲିଚା ମାଲର ପଶ୍ଚିମ ପରିସରରେ ଦୁର୍ଗର ଅଧିଷ୍ଠାତ୍ରୀ ଦେବୀ ଶିରକାଇ ଭବାନୀଙ୍କୁ ସମର୍ପିତ ଏକ ଛୋଟ ମନ୍ଦିର ରହିଛି। ଏହା ବିଶ୍ୱାସ କରାଯାଏ ଯେ ଅଧିଷ୍ଠାତ୍ରୀ ଦେବୀଙ୍କୁ ପ୍ରଥମେ ହୋଲିଚା ମଲ୍ ର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଏକ ଉଚ୍ଚ ପଥର ସ୍ଥାନରେ ରଖାଯାଇଥିଲା, ଯାହା ପରେ ଏହାର ବର୍ତ୍ତମାନର ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା। ହୋଲିଚା ମାଲର ଉତ୍ତରରେ, ଏକ ବିଶାଳ ଏବଂ ସୁନିର୍ଦ୍ଦିଷ୍ଟ ସମାନ୍ତରାଳ ଢାଞ୍ଚାଗତ ୟୁନିଟ୍ ରହିଛି, ଯାହାକୁ ସାଧାରଣତଃ ବଜାର ପେଠ କୁହାଯାଏ। ଏହି କମ୍ପ୍ଲେକ୍ସର ପ୍ରତ୍ୟେକ ୟୁନିଟ୍ ସମ୍ମୁଖରେ ଗୋଟିଏ ବାରଣ୍ଡା ଏବଂ ପଛରେ ଦୁଇଟି ବ୍ୟାକ୍-ଟୁ-ବ୍ୟାକ୍ ରୁମ୍ ରହିଛି। ଅର୍ଦ୍ଧପୋଷାକ ପିନ୍ଧିଥିବା ବାସାଲ୍ଟ ପଥର ଖଣ୍ଡ ଏବଂ ଅଦୃଶ୍ୟ ଭଗ୍ନାବଶେଷ ପଥରରୁ ପ୍ଲିନ୍ଥ ଏବଂ କାନ୍ଥ ନିର୍ମାଣ କରାଯାଏ, ଯେଉଁଥିରେ ଚୂନା ସର୍ବଦା ମୋର୍ଟାର ଭାବରେ ବ୍ୟବହୃତ ହୁଏ।

***ଜଗଦୀଶ୍ୱର ମନ୍ଦିର:*** ପୂର୍ବ ଦିଗରେ ଥିବା ଏହି ମନ୍ଦିରର ସମ୍ମୁଖରେ ମଣ୍ଡପ ଓ ପଛ ପଟେ ଗର୍ଭଗୃହ ରହିଛି। କମ୍ ଉଚ୍ଚତା ବିଶିଷ୍ଟ ପ୍ରବେଶ ପଥ ଦେଇ ମନ୍ଦିର ଭିତରକୁ ପ୍ରବେଶ କରାଯାଇପାରିବ। ଗର୍ଭଗୃହରେ ଏକ ଶିବ ଲିଙ୍ଗ ରହିଛି ଯାହାର ପୂଜା ଏବେ ବି ଚାଲିଛି। ମନ୍ଦିରର ଆଭ୍ୟନ୍ତରୀଣ କାନ୍ଥରେ କୌଣସି କାରୁକାର୍ଯ୍ୟ ନାହିଁ। ତଥାପି, ଏହି ଉନ୍ନତମାନର ନିର୍ମାଣକୁ ସୁନ୍ଦର ଭାବରେ ଖୋଦିତ ବ୍ରେକେଟ୍ ଦ୍ୱାରା ସମର୍ଥିତ କରାଯାଏ।

***ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି:*** ମନ୍ଦିର ନିକଟରେ ଛତ୍ରପତି ଶିବାଜୀ ମହାରାଜଙ୍କ ସମାଧି ଜଗଦୀଶେଶ୍ୱର ମନ୍ଦିରର ପୂର୍ବ ପ୍ରବେଶ ଦ୍ୱାରର ପ୍ରାୟ ବିପରୀତରେ ଅବସ୍ଥିତ। ପ୍ରଥମେ ସମାଧିରେ କେବଳ କମ୍ ଉଚ୍ଚତା ବିଶିଷ୍ଟ ଅଷ୍ଟଭୁଜ ଆକାରର ପ୍ଲାଟଫର୍ମ ଥିଲା। କିନ୍ତୁ, ବେଳେବେଳେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କେବଳ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି କରାଯାଇନଥିଲା ବରଂ ସେହି ସ୍ଥାନରେ ଏକ ଛାତ ମଧ୍ୟ ନିର୍ମାଣ କରାଯାଇଥିଲା।

ପାଦଦେଶରେ, ରାଇଗଡୱାଡି ଗ୍ରାମ ନିକଟରେ, ଚିତ୍ତ ଦ୍ୱାରଠାରେ ଅବସ୍ଥିତ। ଏହାକୁ ସ୍ଥାନୀୟ ଅଞ୍ଚଳରେ ଜିତ ଦରୱାଜା ମଧ୍ୟ କୁହାଯାଏ। ପାଖାପାଖି ୭୦-୮୦ ମିଟର ପାଦରେ ଚାଲିକରି ଯିବା ପରେ ସେଠାରେ ରହିଛି ଖୁବ ଲଦା ବୁର୍ଜ। ଏହା ଏକ ରଣନୈତିକ ଦୃଷ୍ଟିକୋଣରୁ ଅବସ୍ଥିତ ଟାୱାର ଯେଉଁଠାରୁ ଦୁର୍ଗ ନିକଟକୁ ଆସୁଥିବା ଯେ କୌଣସି ବ୍ୟକ୍ତିଙ୍କୁ ସୁରକ୍ଷାକର୍ମୀ ମାନେ ସହଜରେ ଦେଖିପାରିବେ।

***ସୂତ୍ର: ପିଆଇବି***





# ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗକୁ ଶକ୍ତିଶାଳୀ କରାଯିବ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସ-୫ ଠାରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁମାନଙ୍କୁ ଶୋଷଣ, ନିର୍ଯାତନା ଓ ଯୌନ ଉତ୍ପୀଡନରୁ ସୁରକ୍ଷା ଦେବା ପାଇଁ ସରକାର ସମ୍ବେଦନଶୀଳ ଅଛନ୍ତି। ଆୟୋଗକୁ ଶକ୍ତିଶାଳୀ କରିବାକୁ ସମସ୍ତ ପ୍ରଚେଷ୍ଟା କରାଯିବ ସହ ହେଲ୍ପଲାଇନ ନମ୍ବରକୁ ଗାଁ ଗାଁରେ ବ୍ୟାପକ କରାଯିବ ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି। ଯୌନ ଉତ୍ପୀଡନର ପ୍ରଥମ ପ୍ରୟାସକୁ ହିଁ ବିରୋଧ କରିବ ବୋଲି ଶ୍ରୀମତୀ ପରିଡା ଛୋଟ ଛୋଟ ଶିଶୁମାନଙ୍କୁ ପରାମର୍ଶ ଦେଇଛନ୍ତି। ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଭଳି ଆହ୍ୱାନକୁ ସାମ୍ନା କରିବା ପାଇଁ ସରକାରଙ୍କ ସହ ସମାଜସେବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ ବୋଲି ସେ ମତପ୍ରକାଶ କରିଛନ୍ତି। ପରସ୍ପର ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଦ୍ୱାରା ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଦୃଢ଼ ଆଶା କରିଛନ୍ତି। ସେ କହିଛନ୍ତି ଯେ ମହିଳା ଓ ଶିଶୁଙ୍କ ସାମଗ୍ରିକ ବିକାଶ ପାଇଁ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସମସ୍ତ ପ୍ରଚେଷ୍ଟା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ପୋଲିସ ଆଇଜି ଶ୍ରୀମତୀ ସାଇନି. ଏସ ଶିଶୁ ସୁରକ୍ଷା ପ୍ରତି ପୋଲିସର ଆଭିମୁଖ୍ୟ ବାବଦରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର ନିଜ ଅଭିଭାଷଣରେ ଶିଶୁମାନଙ୍କ ସୁରକ୍ଷା ପ୍ରତି ଆୟୋଗର ଆଭିମୁଖ୍ୟକୁ ଉପସ୍ଥାପନା କରିଥିଲେ। ରାଜ୍ୟର କୌଣସି ବି ସ୍ଥାନରେ ପିଲାମାନେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଏହି ଦେୟମୁକ୍ତ ନମ୍ବର (୧୮୦୦-୩୪୫-୪୪୯୪)ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ଶ୍ରୀମତୀ କର। ଏହି ନମ୍ବର ସକାଳ ୧୦ ଟା ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏହି କାର୍ଯ୍ୟକ୍ରମରେ ୟୁନିସେଫ ରାଜ୍ୟ ମୁଖ୍ୟ ମିଷ୍ଟର ୱିଲିୟମ ହାନଲୋନ ଜୁନିଅର ମଧ୍ୟ ଉପସ୍ଥିତ ଥିଲେ। ବହୁ ବାଲ୍ୟବିବାହକୁ ସଫଳ ଭାବେ ରୋକିଥିବା ଦୁଇ କିଶୋରୀ ଯୋଦ୍ଧା ସମ୍ବଲପୁର ଜିଲ୍ଲାର ଅନାମିକା ଓରାମ ଓ ଗଞ୍ଜାମ ଜିଲ୍ଲାର ଆଶା ସାହୁ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଏହି ଦୁଇ କିଶୋରୀ ଯୋଦ୍ଧାଙ୍କ ସହ ବଲାଙ୍ଗିର ଜିଲ୍ଲାର ବୈଷ୍ଣବୀ ଧାରୁଆ ଜଗତସିଂହପୁରର ନନ୍ଦିନୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଗଲା। ଏହା ସହ ସାମଗ୍ରିକ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ଜିଲ୍ଲା ଭାବେ ମୟୂରଭଞ୍ଜକୁ ଓ ଶ୍ରେଷ୍ଠ ଲିଗାଲ ସର୍ଭିସ ପାଇଁ ଯାଜପୁର ଜିଲ୍ଲାକୁ ସମ୍ମାନିତ କରାଯାଇଛି। ନିଖୋଜ ପିଲାମାନଙ୍କର ଉଦ୍ଧାର ଓ ଥଇଥାନ ପାଇଁ ଶ୍ରୀ ସନ୍ତୋଷ ପାତ୍ର, ଡିସିପି ଓ ଶ୍ରୀମତୀ ବନିତା ମହାରଣା, ଇନ୍ସପେକ୍ଟରଙ୍କ ସହ ଶିଶୁ ସୁରକ୍ଷା ପାଇଁ କର୍ମରତ ବହୁ ସରକାରୀ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।



# ମା’ ସତ୍ୟକାଳୀ ପୀଠରେ କାଳୀପୂଜା



**ଭୁବନେଶ୍ୱର :** ସତ୍ୟନଗର ସ୍ଥିତ ଶ୍ରୀଶ୍ରୀ ସତ୍ୟକାଳୀ ପୀଠରେ ମାତା ଆଦ୍ୟାଶକ୍ତି ଶ୍ରୀ ସତ୍ୟକାଳୀଙ୍କର ପବିତ୍ର କାଳୀପୂଜା ଉତ୍ସବ ଗତ ୩୧ ତାରିଖ ଠାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ମହାସମାରୋହରେ ଏହି ପୂଜା ଯଜ୍ଞ ବିଧି ସହ ଆରମ୍ଭ ହୋଇ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମା’ ସତ୍ୟକାଳୀ ଦଶମହାବିଦ୍ୟା ବେଶରେ ଭୂଷିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ପ୍ରଥମ ଦିନ କଳସ ଯାତ୍ରା ଓ ଅଧିବାଶ ଅନୁଷ୍ଠିତ ହୋଇଥିଲା ବେଳେ ଶୁକ୍ରବାର ତାରା ବେଶ ଏବଂ ଶନିବାର ଷୋଡଶ ବେଶରେ ମା’ ଭୂଷିତ ହୋଇଥିଲେ। ରବିବାର ଭୁବନେଶ୍ୱର ବେଶ ଏବଂ ପରେ ଭୈରବୀ ବେଶ, ଛିନ୍ନମସ୍ତା ବେଶ, ଧୂମାବତୀ ବେଶ, ବଗଳା ବେଶ ଓ ମାତଙ୍ଗୀ ବେଶରେ ପୂଜା ପାଇବେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଶ୍ରୀ ସତ୍ୟକାଳୀ ମନ୍ଦିର ପରିଚାଳନା ସମିତି ଆୟୋଜନ କରିଛନ୍ତି।

# ଗାଁରେ ଦୀପାବଳି ପାଳିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଦୀପାବଳି ଉତ୍ସବରେ ସାମିଲ ହେବାକୁ ମୋହନ ଚରଣ ମାଝୀ ଗୁରୁବାର ନିଜ ଗାଁ କେନ୍ଦୁଝରର ରାଇକଳାରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଘରେ ପହଞ୍ଚି ପଇଡ଼ ପାଣି ପିଇବା ସହ ମିଠା ମଧ୍ୟ ଖାଇଥିଲେ। ଏହା ସହ ସେ ଗାଁ ମହୋତ୍ସବରେ ସାମିଲ ମାର୍ଦ୍ଦଳ ବଜାଉଥିବାର ଭିଡିଓ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ କାଳୀପୂଜା ଓ ଦୀପାବଳି ଉତ୍ସବ, ଯାହାକୁ ସେ ନିଜ ଗାଁରେ ପାଳନ କରିଛନ୍ତି। ପ୍ରଥମେ ସେ ନିଜ ଗାଁ ମୁଣ୍ଡ ପଡ଼ିଆରେ ଗୋଠାଣି ପୂଜାରେ ଯୋଗ ଦେବାପରେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଦୀପାବଳି ପାଳନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ସଜାଇ ହେଇଥିଲା ରାଇକଳା ଗାଁ। ଗାଁ ଦାଣ୍ଡରେ ଝିଅ, ବୋହୂମାନେ ମୁରୁଜ ପକାଇଥିଲେ। ଏଥି ସହିତ କଳସ ସଜାଯାଇଥିଲା। ମୁଖ୍ୟମନ୍ତ୍ରୀ ଗାଁରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। କାଳୀପୂଜା ଘରେ କରିବା ସହ ଗାଁରେ ଲୋକଙ୍କ ସହିତ ନିଜକୁ ସାମିଲ କରିଥିଲେ ମୁଖ୍ୟମନ୍ତ୍ରୀ। କାଳୀ ପୂଜାକୁ ସାନ୍ତାଳୀ ଭାଷାରେ ‘ସହରାଇ’ (ପେ ମାହଁଆ) ବୋଲି କୁହାଯାଏ। ସହରାଇ (ପେ ମାହଁଆ) ୩ଦିନ ଧରି ପାଳନ କରାଯାଏ। ପ୍ରଥମ ଦିନକୁ ‘ଗୋଟବଙ୍ଗା’ ନାମରେ ପାଳନ କରାଯାଏ। ସେହିଦିନ ଅଣ୍ଡା ପୂଜା କରି ସାହିର ସବୁ ବଳଦ ଗାଈକୁ ନେଇ ଅଣ୍ଡା



ଦିଆଯାଏ, ଦ୍ୱିତୀୟ ଦିନକୁ ଗୋବର୍ଦ୍ଧନ ପୂଜା। ସାନ୍ତାଳୀ ଭାଷାରେ ତାକୁ ‘ଖଳାବଙ୍ଗା’ ବୋଲି କୁହାଯାଏ। ଏହି ଦିନ କୁକୁଡା ପୂଜା କରାଯାଏ। ତୃତୀୟ ଦିନ ‘ବୁଢ଼ୀ ବନ୍ଦନା’ ତାକୁ ସାନ୍ତାଳୀ ଭାଷାରେ ‘ଗାଏ ଖୁଣ୍ଟଉ’ ବୋଲି କୁହାଯାଏ। ସେହିଦିନ ଗୋରୁଙ୍କୁ ବନ୍ଦାପନା କରାଯାଇଥାଏ, ତାକୁ ସାନ୍ତାଳୀ ଭାଷା ‘ଚୁମାଣା’ ବୋଲି କୁହାଯାଏ, ଏହିପରି ୩ ଦିନ ସହରାଇ ପାଳନ କରାଯାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାର୍ଦ୍ଦଳ ବଜାଇ ଗ୍ରାମବାସୀଙ୍କ ସହ ସହରାଇ ପୂଜା ମନାଇଥିଲେ। ଶେଷରେ ବାଣ ଫୁଟାଇ ଦୀପାବଳି ମନାଇବା ସହିତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

### ୱେବସାଇଟରୁ ଅଦିନିଆ ସ୍ନାନ ଯାତ୍ରା ତଥ୍ୟ ହଟାଇଲା ଇସ୍କନ

# ରଥଯାତ୍ରା ଜିଦ୍‌ରୁ ଓହରିନି

**ଭୁବନେଶ୍ୱର :** ଆମେରିକାର ହ୍ୟୁଷ୍ଟନରେ ନଭେମ୍ବର ୩ ତାରିଖରେ ହେବାକୁ ଥିବା ସ୍ନାନ ଯାତ୍ରାକୁ ଇସ୍କନ ବାତିଲ କରିଥିବା ସୂଚନା ମିଳିଛି। ତେବେ ରଥଯାତ୍ରା ଆୟୋଜନ ବାତିଲ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନି। କାରଣ, ଏବେ ଏହାର ୱେବସାଇଟରେ ସ୍ନାନଯାତ୍ରା ନେଇ କୌଣସି ସୂଚନା ନଥିଲେ ବି ନଭେମ୍ବର ୯ ତାରିଖରେ ‘ଫେଷ୍ଟିଭାଲ୍ ଅଫ୍ ବ୍ଲିସ୍- ରଥଯାତ୍ରା’ ନାଁରେ ସକାଳ ସାଢେ ୧୦ଟାରୁ ୪ଟା ଯାଏଁ କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୩ରେ ସ୍ନାନ ଯାତ୍ରା ଏବଂ ୯ ତାରିଖରେ ରଥଯାତ୍ରା କରିବାକୁ ଯୋଜନା କରିଥିଲା ଇସ୍କନର ହ୍ୟୁଷ୍ଟନ ଶାଖା। ଅଦିନରେ ଇସ୍କନର ରଥଯାତ୍ରା ଆୟୋଜନ ନେଇ ଆପତ୍ତି ଉଠାଇଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ପ୍ରତିବାଦ କରି ଇସ୍କନକୁ ଚିଠି ଲେଖି ରଥଯାତ୍ରା ବନ୍ଦ କରିବାକୁ କହିଥିଲେ। ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତିୟା ତିଥିରେ ରଥଯାତ୍ରା ପାଳନ ନେଇ ବିଧି ପରମ୍ପରା ରହିଛି। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁସାରେ ହଁୟ ରଥଯାତ୍ରା କରିବାକୁ କହିଥିଲେ ଗଜପତି। ସେହିଭଳି ଇସ୍କନର ଅଦିନିଆ ରଥଯାତ୍ରାକୁ ସମାଲୋଚନା କରିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ।


# ରତ୍ନଭଣ୍ଡାରରେ ନାହିଁ ଗୁପ୍ତ ସୁଡ଼ଙ୍ଗ : ଆଇନ ମନ୍ତ୍ରୀ

**ଭୁବନେଶ୍ୱର :** ରତ୍ନଭଣ୍ଡାର ଭିତରେ କୌଣସି ଗୁପ୍ତ କୋଠରୀ କିମ୍ବା ସୁଡ଼ଙ୍ଗ ପ୍ରାୟତଃ ନାହିଁ। ପ୍ରାଥମିକ ଆଲୋଚନାରୁ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନ ଥିବା ଜଣାପଡ଼ିଛି। ରତ୍ନଭଣ୍ଡାର ସଂପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି



ଏହି ସୂଚନା ଦେଇଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି, ରତ୍ନଭଣ୍ଡାର ଭିତରେ ଫାଟ ଗୁଡ଼ିକ ଥିବା ଜଣାପଡ଼ିଛି। ସେହି ଫାଟ ଗୁଡ଼ିକୁ ମରାମତି କରାଯିବ। ମରାମତି ପାଇଁ ପ୍ରାୟ ଦେଢ଼ ମାସ ସମୟ ଲାଗିବ। ସର୍ଭେ ରିପୋର୍ଟ ଆସିବାକୁ ସମୟ ଲାଗୁଛି। ଅଫିସିଆଲି ସର୍ଭେ ରିପୋର୍ଟ ଆସିବା ପରେ ତୁରନ୍ତ ମରାମତି କାମ ଆରମ୍ଭ କରାଯିବ। ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍‌ଆଇ ପ୍ରସ୍ତୁତ ଅଛି। ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି କାମ କରି ସାରିବା ପରେ ଗଣତି ମଣତି କରିବାକୁ ଯେତେ ଶୀଘ୍ର ଚେଷ୍ଟା କରିବୁ। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଛି। କାର୍ତ୍ତିକ ପୂର୍ଣ୍ଣମୀ ପରେ ମରାମତି କାମ ଆରମ୍ଭ କରାଯିବ। ରତ୍ନଭଣ୍ଡାର ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ତା’ପରେ ରତ୍ନ ଭଣ୍ଡାର ଭିତରେ ଗଣତିମଣତି କରାଯିବ। ୧୯୭୮ ମସିହାରେ ରତ୍ନ ଭଣ୍ଡାରରେ ଥିବା ରତ୍ନାଳଙ୍କାରର ଗଣତି ମଣତି ହୋଇଥିଲା। ସେହି ଡାଟାବେସ୍ ଅନୁଯାୟୀ ଅଳଙ୍କାର ଗୁଡ଼ିକ ମେଳକ କରାଯିବ। ଯାହା ପୂର୍ବରୁ ଥିଲା ଏବେ ତାହା ଅଛି କି ନାହିଁ ମେଳ କରାଯିବ। ପ୍ରାୟ ଗୋଟିଏ ସପ୍ତାହ ଭିତରେ ଗଣତି ମଣତି ପ୍ରକ୍ରିୟା ସରିଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବାହାର ଓ ଭିତର ରତ୍ନ ଭଣ୍ଡାର ଖୋଲାଯିବା ପରେ ମାଟି ତଳେ କିମ୍ବା କାନ୍ଥ ଭିତରେ କୌଣସି ଗୁପ୍ତ କୋଠରୀ କିମ୍ବା ସୁଡ଼ଙ୍ଗ ଥିବା ଚର୍ଚ୍ଚା ହେଉଥିଲା।

## ଡିସେମ୍ବର ୬ରୁ ରାଜ୍ୟ ପୁସ୍ତକ ମହୋତ୍ସବ



**ଭୁବନେଶ୍ୱର :** ଆସନ୍ତା ଡିସେମ୍ବର ମାସ ୬ତାରିଖରୁ ଷଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବ ଅନୁଷ୍ଠିତ ହେବ। ରାଜଧାନୀ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳା ୧୨ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପୁସ୍ତକ ମେଳା ପ୍ରତ୍ୟେହ ଦିନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ଏହି ପୁସ୍ତକ ମହୋତ୍ସବ ପାଇଁ ସରକାର ବିଭିନ୍ନ ସଂସ୍ଥାଠୁ ଷ୍ଟଲ ବୁକିଂ ପାଇଁ ଆବେଦନପତ୍ର ଆହ୍ୱାନ କରିଛନ୍ତି। ଏହି ପୁସ୍ତକ ମେଳାରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ୍ ବ୍ୟବହାର ନିଷିଦ୍ଧ କରାଯାଇଛି।

# ବିମାନ ପ୍ରଶିକ୍ଷଣ ପ୍ରତିଷ୍ଠାନ ପାଇଁ ୮ଟି ଏୟାରଷ୍ଟ୍ରିପ୍ ଲିଜ୍ ଦେବ ଓଡ଼ିଶା

**ଭୁବନେଶ୍ୱର :** ରାଜ୍ୟ ସରକାର ନୂଆ ଏୟାର କନେକ୍ଟିଭିଟି ଯୋଜନା ଉନ୍ମୋଚନ କରିବା ପରେ ରାଜ୍ୟରେ ଏକ ବିମାନ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ୮ଟି ଏୟାରଷ୍ଟ୍ରିପ୍ ଲିଜରେ ଦେବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ଚଳିତ ଅକ୍ଟୋବର ୨୬ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ଅନୁଯାୟୀ ବିମାନ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ୮ଟି ଏୟାରଷ୍ଟ୍ରିପର ସର୍ବନିମ୍ନ ୧ ହଜାର ବର୍ଗମିଟର ଜାଗା ଲିଜରେ ଦେବାକୁ ନିଷ୍ପତ୍ତି ନେଇଛି। ଏଥିରେ ବଲାଙ୍ଗୀର ଜିଲ୍ଲାର ତୁସରା, ସମ୍ବଲପୁରର ହୀରାକୁଦ (ଜମାଦାରପାଲି), ନୂଆପଡ଼ାର ଗୋଟମା, ବରଗଡ଼ର ପଦ୍ମପୁର (ସତୀଭାଟ), କନ୍ଧମାଳର ଫୁଲବାଣୀ (ଗୁଡାରୀ), ମୟୂରଭଞ୍ଜର ରାଇରଙ୍ଗପୁର (ଦାଣ୍ଡବୋଷ), କେନ୍ଦୁଝରର ରାଇସୁଆଁ ଓ ବଡ଼ବିଲରେ ଏହି ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ହେବ। ଲିଜଧାରୀ ମାନେ



ବିମାନ ପ୍ରଶିକ୍ଷଣ ଅନୁଷ୍ଠାନର ଭିତ୍ତିଭୂମିର ବିକାଶ କରି ଏହାକୁ ୫ ବର୍ଷ ପାଇଁ ପରିଚାଳନା କରିବେ, ପରେ ସନ୍ତୋଷଜନକ କାର୍ଯ୍ୟ କ୍ଷେତ୍ରରେ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଚୁକ୍ତି ବୃଦ୍ଧି କରାଯାଇପାରିବ। ବିଭାଗ ପକ୍ଷରୁ ଜାରି କରାଯାଇଥିବା ଟେଣ୍ଡର ବିଜ୍ଞପ୍ତି ଅନୁଯାୟୀ, ଇଚ୍ଛୁକ ସଂସ୍ଥାଗୁଡିକ ସ୍ଥାନ ପରିଦର୍ଶନ କରି ନିର୍ମାଣ ପାଇଁ ଉପଲବ୍ଧ ସ୍ଥିତି, ଅବସ୍ଥିତି, ପରିବେଶ, ଜଳବାୟୁ, ବିଜୁଳି, ପାଣି ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ଅନୁଧ୍ୟାନ କରି ପ୍ରସ୍ତାବ ଦାଖଲ କରିପାରିବେ। ଭୁବନେଶ୍ୱରସ୍ଥିତ ସରକାରୀ ବିମାନ ଚଳାଚଳ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଢେଙ୍କାନାଳର ବିରସାଲ ବ୍ୟତୀତ ରାଜ୍ୟରେ ଦୁଇଟି ଘରୋଇ ଅନୁଷ୍ଠାନ ରହିଛି। ଏହି କ୍ଷେତ୍ରରେ ପାଇଲଟ୍ ଏବଂ କୁଶଳୀ କର୍ମଚାରୀଙ୍କ ଭବିଷ୍ୟତ ଚାହିଦା ପୂରଣ କରିବା ପାଇଁ ଚଳିତ ବର୍ଷ ମାର୍ଚ୍ଚରେ ରାଜ୍ୟ ସରକାର ୫୬୨ କୋଟି ଟଙ୍କାର ବିମାନ ଚଳାଚଳ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ପାଇଲଟ୍, ସିମୁଲେଟର ଓ କ୍ୟାବିନ୍ କ୍ରୁଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ବିରସାଲ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ମଧ୍ୟ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ସୂଚନାଯୋଗ୍ୟ, ଗତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏକ ନୂତନ ବିମାନ ସଂଯୋଗ ନୀତିକୁ ମଞ୍ଜୁରୀ ମିଳିଥିଲା, ଯେଉଁଥିରେ ଏୟାରଲାଇନ୍ସଗୁଡ଼ିକୁ ନୂତନ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ମାର୍ଗ ଆରମ୍ଭ ପାଇଁ ଯଥେଷ୍ଟ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା।

# ଇ-କେୱାଇସି ପରେ ଧରା ପଡିଲା ଚାଉଳ ଲୁଟର ସତ

**ଭୁବନେଶ୍ୱର :** ବିଜେଡି ଲୁଚାଇଥିଲା ବିଜେପି ଖୋଲିଦେଲା, ଇ କେୱାଇସି ପରେ ଧରା ପଡିଛି ଚାଉଳ ଲୁଟର ସତ। ମାଗଣା ଚାଉଳ ନେଉଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ଇ-କେୱାଇସି ହୋଇଛି ବଡ ମାଧ୍ୟମ। ବିଜେପି ସରକାରକୁ ଆସିବା ପରେ ରାଜ୍ୟ ତମାମ ରାସନ କାର୍ଡ ଥିବା ହିତାଧିକାରୀଙ୍କ ଚାଲିଛି ଇ-କେୱାଇସି। ଏବେ ସୁଦ୍ଧା ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିବା ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ। ଏମାନଙ୍କୁ ତାଲିକାରୁ ବାଦ ଦେଇ ଯୋଗ୍ୟଙ୍କୁ ଯୋଡିବା ପାଇଁ ବଡ କସରତ କରୁଛନ୍ତି ରାଜ୍ୟ ସରକାର। ପ୍ରାୟ ୧୦ ଲକ୍ଷ ଲୋକ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ। ଇ-କେୱାଇସି ପ୍ରକିୟା ସରିବା ପରେ ନଭେମ୍ବର ଭିତରେ ନୂଆ ରାସନ କାର୍ଡ ଦିଆଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ। ଅଯୋଗ୍ୟଙ୍କୁ



ବାଦ କରିବା ପ୍ରକିୟା ଭିତରେ ରାସନ କାର୍ଡ ହାତେଇଥିବା ବାଂଲାଦେଶୀଙ୍କୁ ବି ବାଦ ଦିଆଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ। ଉପକୂଳ ଜିଲ୍ଲା କେନ୍ଦ୍ରାପଡାରୁ ନେଇ ବାଲେଶ୍ୱର ପର୍ଯ୍ୟନ୍ତ ହଜାର ହଜାର ବାଂଲାଦେଶୀ ହାତେଇଛନ୍ତି ରାସନ କାର୍ଡ। ପୂର୍ବ ସରକାର ସମୟରେ ଭୋଟ ବ୍ୟାଙ୍କ ଲୋଭରେ ଏମାନଙ୍କ ଭୋଟର କାର୍ଡ ଓ ରାସନ କାର୍ଡ କରାଇ ଭୋଟ ହାତଉଥିଲେ ବିଜେଡି ସରକାର।ବିଜେଡି ନେତାଙ୍କ ମାଧ୍ୟମରେ ଧନୀ ଲୋକ ବି ରାସନ କାର୍ଡ ହାତେଇଥିବାର ସଙ୍ଗୀନ ଅଭିଯୋଗ ବିଧାନସଭାରେ ଆଣିଥିଲେଯୋଗାଣ ମନ୍ତ୍ରୀ।ଗୋଟିଏ ପଟେ ଟି ପର ଟ୍ରାନସପରେନିସର ନାରା ଦେଉଥିବା ପୂର୍ବ ସରକାର ଟି ଫର ଟିମ୍ ୱାର୍କରେ ଲୁଟ କରୁଥିବାର ଆସିଛି ପ୍ରମାଣ। ଯୋଗ୍ୟଙ୍କୁ ରାସନ କାର୍ଡ ନ ଦେଇ ଅଯୋଗ୍ୟଙ୍କୁ ମିଳୁଥିଲା କାର୍ଡ। ଏବେ ସରକାର ବଦଳିବା ପରେ ଯୋଗ୍ୟ ମନରେ ଜାଗିଛି ଆଶା ରାଜ୍ୟରେ ଏବେ ପ୍ରାୟ ୩ କୋଟି ୨୬ ଲକ୍ଷ ହିତାଧିକାରୀ ରାସନ କାର୍ଡ ଜରିଆରେ ଚାଉଳ ପାଉଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଓ ଭୂତ ହିତାଧିକାରୀ। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୯ ଲକ୍ଷରୁ ଅଧିକ ଲୋକଙ୍କୁ ଚାଉଳ ଦେଉଛନ୍ତି। ଏବେ ଇ-କେୱାସିରେ ଅଯୋଗ୍ୟ ଧରାପଡିବା ପରେ ଖୋଲିଛି ବିଜେଡି ସରକାର ଅମଳରେ ଚାଉଳ ଲୁଟର ସତ, ଆଗକୁ ଆହୁରୀ ଖୋଲିବ ଗୁମର।


# ସ୍ୱର୍ଗଦ୍ୱାରରେ କାଠ ନୁହେଁ ଗୋବର ଘଷିରେ ହେବ ଶବଦାହ

**ଭୁବନେଶ୍ୱର :** ଗୋବରରୁ ପ୍ରସ୍ତୁତ ଗୋ କାଷ୍ଠରେ ହେବ ଶବଦାହ। ସରକାର ଏ ନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଖୁବ ଶୀଘ୍ର ବିଚାର ବିମର୍ଶ କରି ପଦକ୍ଷେପ ନେବେ ସରକାର। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମନ୍ତ୍ରୀ କହିଛନ୍ତି ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ଶବ ଦାହରେ ବ୍ୟବହାର କରାଯାଏ। ହିନ୍ଦୁ ଧାର୍ମିକ ପ୍ରଥାରେ ଏହା ‘ମୋକ୍ଷ’ ପ୍ରାପ୍ତିରେ ମଧ୍ୟ ସହାୟକ ହୋଇପାରେ। ଏଥି ସହିତ ଗୋବର ଘଷି କାଠ ତୁଳନାରେ ପରିବେଶ ଉପରେ କମ୍ ପ୍ରଭାବ ପକାଇବ ବୋଲି ମନ୍ତ୍ରୀ କହିଛନ୍ତି। ଏଥି ସହିତ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସ୍ୱର୍ଗଦ୍ୱାର ପରିଚାଳନା କରୁଥିବା କମିଟି ସହ ଆଲୋଚନା କରାଯିବ ଏବଂ ସେହି ଅନୁଯାୟୀ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ସ୍ୱର୍ଗଦ୍ୱାରକୁ ପ୍ରତିଦିନ ଶହଶହ ମୃତଦେହ ଆସୁଛି। ଶବ ଦାହ ପାଇଁ ଶହଶହ କ୍ୱିଣ୍ଟାଲ୍ କାଠ ଆବଶ୍ୟକ ପଡୁଛି। ଶବ ଦାହ ପାଇଁ ଗଛ କଟା ଯାଉଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷଣ ହେଉଛି। ଅନେକ ସମୟରେ କାଠର ଘୋର ଅଭାବ ଦେଖାଦେଉଛି। ଯେଉଁଥିପାଇଁ ଶବ ଦାହ କରିବାକୁ ପରିବାର ପରିଜନ ଆସି ନାନା ଅସୁବିଧାରେ ପଡୁଛନ୍ତି। ଏଥିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଗୋବର ଘସିର ସାହାରା ନେବାକୁ ଯୋଜନା କରୁଛନ୍ତି। ଅନ୍ୟପଟେ ଗୋମାତା ସୁରକ୍ଷା, ଗୋଶାଳା ବୃଦ୍ଧିକୁ ବି ସରକାର ଗୁରୁତ୍ୱ ଦେଉଛନ୍ତି। ଗୋ ସୁରକ୍ଷା ଓ ଗୋ ମୂତ୍ର ଓ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାର ବିମର୍ଶ ପାଇଁ ଗଠିତ ହେବ କମିଟି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ୫ ଜଣ ମନ୍ତ୍ରୀ ଓ ୫ ଜଣ ସଚିବ କମିଟିର ସଦସ୍ୟ ରହିବେ। ଗୋମାତା ସୁରକ୍ଷା, ଗୋଶାଳା ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆମ ସରକାର କାମଧେନୁ ଯୋଜନା ଆରମ୍ଭ ହୋଇଛି। ଆଗକୁ ଏହା ବେଶ ଫଳପ୍ରଦ ହେବା ସହ ଗୋ ଚାଷୀଙ୍କୁ ଆତ୍ମନିର୍ଭର କରିବ ବୋଲି ମନ୍ତ୍ରୀ କହିଛନ୍ତି।





# ଗଙ୍ଗାଧର ମେହେର ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ମହାଘୋଟାଲା !

**ଭୁବନେଶ୍ୱର :** ବରଗଡ଼ ଜିଲ୍ଲା ବିଜେପୁର ଜୟଶ୍ରୀଗଡା ଠାରେ ରହିଛି ଗଙ୍ଗାଧର ମେହେର ବୃହତ ଉଠା ଜଳସେଚନ ପ୍ରକଳ୍ପ। ଚାଷୀଙ୍କର ଚାଷ ଜମି ଲାଗି ଦରକାର ହିସାବରେ ପାଣି ଯିବା ଲାଗି ବ୍ୟବସ୍ଥା ହୋଇଛି। ମାତ୍ର ଚାଷୀଙ୍କ ଜମିକୁ ପାଣି ଯାଇନଥିବାର ଅଭିଯୋଗ ହୋଇଛି। ଯେଉଁ ଜାଗାରେ ଆଉଟ୍ ଲେଟ୍ ବସିବା କଥା ସେହି ଜାଗାରେ ନବସି ଆଉଟ୍ ଲେଟ୍ ଅନ୍ୟ ସ୍ଥାନରେ ବସିଥିବାରୁ ସମସ୍ୟା ବଢିଛି ଚାଷୀଙ୍କର। ପାଣି ଅଭାବରୁ ଧାନ ମଧ୍ୟ ଧଳା ପଡିଗଲାଣି। ମାତ୍ର ପିସି କାରବାର ଯୋଗୁ ଠିକାଦାର କୁଆଡେ ମାଲେମାଲେ ହୋଇଛି। ସେପଟେ ଏସଟିମେଟ ଠାରୁ କମ କାମ ହୋଇଥିବାର ଅଭିଯୋଗ ହୋଇଛି। ପୂର୍ବତନ



ବିଜେଡି ସରକାର ଭୋଟ ହାତେଇବାର ଲାଗି ଗଙ୍ଗାଧର ମେହେର ବୃହତ ଉଠା ଜଳସେଚନ ପ୍ରୋଜେକ୍ଟ ନାଁରେ ଠକିଥିବା କହିଛନ୍ତି ଚାଷୀ। ପାଣି ଅଭାବରୁ ଧାନ ସବୁ ଖରାପ ହେବାରେ ଲାଗିଛି। ଆଶା ଥିଲା ଗଙ୍ଗାଧର ବୃହତ ଉଠା ଜଳସେଚନ ପ୍ରକଳ୍ପରୁ ଚାଷୀ ଲାଭ ପାଇବେ। ହେଲେ ପୂର୍ବତନ ବିଜେଡି ସରକାର ଚାଷୀଙ୍କୁ ଠକିଥିବା କହିଛନ୍ତି ଜନସାଧାରଣ। ଗୋଟେପଟେ ଠିକାଦାରର ପକେଟ୍ ଗରମ ହୋଇଥିବାବେଳେ ବଳିପଡିଛି ଚାଷୀ। କେବଳ ବର୍ଷା ହିଁ ସାଜିଛି ଚାଷୀଙ୍କ ସାହାରା। ତରବରିଆ କାମ ଲାଗି ଜମିକୁ ପାଣି ଯାଇନପାରିବାରୁ ବଢିଛି ଚାଷୀଙ୍କ ଟେନସନ। ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଚାଷୀ। ଅପେକ୍ଷା, କେବେ ହେବ ତଦନ୍ତ କେବେ ହେବ କାର୍ଯ୍ୟାନୁଷ୍ଠାନ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି